## ସଂକ୍ଷେପରେ

### ଜଳବାୟୁ ପରିବର୍ତ୍ତନ ସଚେତନତା, ସାକ୍ଷରତା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ୍,୨୬।୮: ସାମାଜିକ ଅନୁଷ୍ଠାନ ନାବାର୍ଡ ଓ ଆଦର୍ଶର ମିଳିତ ଆନୁକୂଲ୍ୟରେ କୁକୁଡାଖଣ୍ଡି ବ୍ଲକ ଜଗଦଳପୁର ଗ୍ରାମରେ ଜଳବାୟୁ ପରିବର୍ତ୍ତନ ସଚେତନତା ଓ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ନାବାର୍ଡ ଏଜିଏମ୍ ଦେବବ୍ରତ ତ୍ରିପାଠୀ ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜଳବାୟୁ ପରିବର୍ତ୍ତନର ପ୍ରଭାବ କିଭଳି ମଣିଷ ସମାଜର ଜୀବନ, ଜୀବିକା, କୃଷି, ଜୀବ ଜଗତକୁ ପ୍ରଭାବିତ କରିବା ସହ ପରିବେଶକୁ ବିପନ୍ନ ସ୍ଥିତି ମଧ୍ୟକୁ ଟାଣି ନେଉଥିବା ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ଏଥିରୁ ବର୍ତ୍ତିବାକୁ ହେଲେ ସଚେତନତା ଏବଂ ଚାରାରୋପଣ କରିବାକୁ ସେ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଦର୍ଶ ଅଧକ୍ଷ ସଞ୍ଜୀବ କୁମାର ପଟ୍ଟନାୟକ, ସନ୍ତୋଷ ପାତ୍ର, କାହ୍ନୁ ଚରଣ ପତି, ଶିବ ପାତ୍ର, ଧ୍ରୁବ ପାତ୍ର, ମୋହନ ପାତ୍ର, କାଳୁ ସାହୁ, ରାମ ପାତ୍ର, ରାମ ସେଠୀ, କୈଳାସ ପାତ୍ର, କୋରା ସେଠୀ, ହରିହର ନାୟକ, ବି.ଭି. ସାଗର ଓ କୈଳାସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଦେବୁ ବୋଷଙ୍କ ବିୟୋଗରେ ଶୋକସଭା

ବ୍ରହ୍ମପୁର ଅଫିସ,୨୬।୮: ଗଞ୍ଜାମ କଳା ପରିଷଦ ପକ୍ଷରୁ ଦେବୁବୋଷଙ୍କ ସ୍ମୃତିରେ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପରିଷଦ ପରିସରରେ ସ୍ୱର୍ଗତ ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସ୍ୱର୍ଗତ ବୋଷଙ୍କ କର୍ମମୟ ଜୀବନ ଉପରେ ସ୍ମୃତିଚାରଣ କରାଯାଇଥିଲା । ଆଧାରିତ ନୃତ୍ୟ, ସଙ୍ଗୀତ,ନାଟକ, ଚଳଚ୍ଚିତ୍ର ପାଇଁ ତାଙ୍କର ଅବଦାନ ଉପରେ ଆଲୋକପାତ କରାଯାଇଥିଲା। ପ୍ରତିଷ୍ଠାତା ସଭ୍ୟ ରୂପେ ଜଡିତ ଥିବାରୁ ତାଙ୍କର ଏକ ଫଟୋଚିତ୍ର ଅନୁଷ୍ଠାନରେ ରଖାଯିବା ସ୍ଥିର କରାଯାଇଛି । ପରିଷଦର ସଦସ୍ୟମାନେ ସ୍ୱର୍ଗତ ବୋଷଙ୍କ ଅମ ରଆତ୍ମାର ସଦଗତି କାମନା କରିଥିଲେ । ବୈଠକରେ କେଦାର ଆପ୍ତା, କୃଷ୍ଣଚରଣ ସିଂ, ସ୍ୱର୍ଣ୍ଣପ୍ରଭା ପାଢୀ, ନୃସିଂହନନ୍ଦ ମହାପାତ୍ର, ରାଜୁ ପାଢୀ, ସୁବୋଧ ପଟ୍ଟନାୟକ, ଅପୂର୍ବ ପଟ୍ଟନାୟକ, ସତ୍ୟ ମହାରଣା, ସରୋଜିନୀ ସାମଲ, ବାସନ୍ତୀ ପ୍ରଧାନ, ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ମନ୍ମଥ ପାଢୀ, ରାଧାକାନ୍ତ ପରିଚ୍ଛା, ଡା. ଚନ୍ଦ୍ରମଣି ସାହୁ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, କିରଣବାଳା ମିଶ୍ର, ସଂଗ୍ରାମ ପଟ୍ଟନାୟକ, ଅମିୟ ତ୍ରିପାଠୀ, ନୀଳାଚଳ ବେହେରା ଓ ଗୋକୁଳ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ବଳଦେବ ସ୍ୱାମୀଙ୍କ ଜନ୍ମ ଉତ୍ସବ

ବୁଗୁଡ଼ା,୨୬।୮(ଡି.ଏନ.ଏ.): ବୁଗୁଡ଼ା ଶ୍ରୀବଳଦେବ ସ୍ୱାମୀଙ୍କ ମନ୍ଦିରରେ ଶ୍ରାବଣ ପୂର୍ଣ୍ଣିମା ଅବସରରେ ରବିବାର ପାରମ୍ପରିକ ରୀତିନୀତିରେ ଠାକୁରଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ ମନ୍ଦିର ପରିସରରେ ହୋମଯଜ୍ଞ ଆୟୋଜନ କରାଯାଇ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପରିସରରେ ବାଲିରେ ପ୍ରଳମ୍ବାସୁର ପ୍ରତିକୃତି କରାଯାଇ ବଳଦେବଙ୍କ ଦ୍ୱାରା ବଧ କରାଯାଇଥିଲା। ଏହା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପୂଜକ ଅନ୍ତର୍ଯ୍ୟାମୀ ଦାଶ ପୂଜାର୍ଚ୍ଚନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦକ ଶରତ ଚନ୍ଦ୍ର ମହାରଣା, ମନ୍ଦିର ପୂଜକ ପୂର୍ଣ୍ଣଚନ୍ଦ୍ର ପାଣି, ଦୀନବନ୍ଧୁ ପାଣି, ସୁରେଶ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ୧୦ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଅସୁରକ୍ଷିତ



ଏକ ସ୍ୱାସ୍ଥ୍ୟ କେନ୍ଦ୍ରର ଛାତରୁ ପଲସ୍ତରା ଖସିଯାଇଛି ।

■ଛାତରୁ ଖସୁଛି ପଲସ୍ତରା | ■ବିପଦରେ ରୋଗୀଙ୍କ ଜୀବନ
■ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ

ବ୍ରହ୍ମପୁର ଅଫିସ୍,୨୬।୮

ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉପସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଛି । ବହୁ କୋଟି ଟଙ୍କାରେ ମେଡ଼ିକାଲ୍ କୋଠାଗୁଡ଼ିକ ନିର୍ମାଣ କରାଯାଇଛି । କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କୋଠାଗୁଡ଼ିକ ନଷ୍ଟ ହୋଇଗଲାଣି । ଛାତରୁ ପଲସ୍ତରା ଖସୁଛି । ମେଡ଼ିକାଲ୍ ଭିତରରେ ପାଣି ଗଳୁଛି, ମରାମତି କରାଯାଉନାହିଁ। ରୋଗୀଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଏନେଇ ବହୁ ଅଭିଯୋଗ ପରେ ଏବେ କୋଠାଗୁଡ଼ିକ ନିର୍ମାଣ ଦିଗରେ ପଦକ୍ଷେପ ନେବା ଆରମ୍ଭ କରାଯାଇଛି । ଜିଲାରେ ମୋଟ ୧୦ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଅସୁରକ୍ଷିତ ହୋଇପଡ଼ିଛି ।

ସ୍ୱାସ୍ଥ୍ୟକେନ୍ଦ୍ର କୋଠାଗୁଡ଼ିକ ଅସୁରକ୍ଷିତ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରୁରାଲ୍ ୱାର୍କର୍ସ ଡିଭିଜନ୍-୧କୁ ଅବଗତ କରାଯାଇଛି। ଏ ସମ୍ପର୍କିତ ଏକ ଚିଠିରେ କୁହାଯାଇଛି ଯେ, ୧୦ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଅସୁରକ୍ଷିତ ହୋଇପଡ଼ିଛି । ସେଗୁଡ଼ିକ ମଧ୍ୟରୁ ଖଲ୍ଲିକୋଟ ବ୍ଲକ ବିଏନ୍‌ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଭାଙ୍ଗିଯାଇଥିବା ବେଳେ ପୁରୁଷୋତ୍ତମପୁର ବ୍ଲକ ପ୍ରତାପପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ପୁରୁଣା କୋଠା, ବେଗୁନିଆପଡ଼ା ବ୍ଲକ ମଠସରସିଙ୍ଗ ଏବଂ ଏସ୍‌ଛଟିନା, ପୋଲସରା ବ୍ଲକ ହାତୀଓଟ, କଣଛାଇ, ମଥୁରା, ଖଣ୍ଡୁରୁ, ଢୁଙ୍କାପଡ଼ା ଏବଂ ମାଣିତରା ଉପ ସ୍ୱାସ୍ଥ୍ୟକେନ୍ଦ୍ର କୋଠାଗୁଡ଼ିକ ଅସୁକ୍ଷିତ ହୋଇପଡ଼ିଛି ।

ଏଥିସହ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଉପସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଏବଂ ଡାକ୍ତରଙ୍କ ପାଇଁ ଉପଲବ୍ଧ କୋଠାଗୁଡ଼ିକ ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ରହିଛି। ଖଲ୍ଲିକୋଟ ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୭, ପୁରୁଷୋତ୍ତମପୁର ବ୍ଲକରେ ୧୭ ଏବଂ ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଟିଏ କ୍ୱାର୍ଟର ଅସୁରକ୍ଷିତ ହୋଇପଡ଼ିଛି । ଏହାକୁ ଗୁରୁତର ସହ ନେଇଛି ସ୍ୱାସ୍ଥ୍ୟ ବିଭାଗ। ଯନ୍ତ୍ରୀମାନଙ୍କୁ ପଠାଇ ଅସୁରକ୍ଷିତ କୋଠାଗୁଡ଼ିକର ତଦାରଖ କରିବା ସହ ସେଗୁଡ଼ିକୁ ବିଧିବଦ୍ଧ ଭାବେ ଅସୁରକ୍ଷିତ ଘୋଷଣା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରୁରାଲ୍ ୱାର୍କର୍ସ ଡିଭିଜନ୍‌କୁ ନିବେଦନ କରାଯାଇଛି ।

ସୂଚନାଯୋଗ୍ୟ, ଗ୍ରାମାଞ୍ଚଳରେ ଥିବା ଏହି ମେଡ଼ିକାଲ୍‌ଗୁଡ଼ିକରେ କୋଠା ନିର୍ମାଣ କରାଯାଉଛି। ନିର୍ମାଣ ନିମ୍ନମାନର ହେଉଥିବାରୁ କମ୍ ଦିନରେ କୋଠାଗୁଡ଼ିକ ନଷ୍ଟ ହୋଇଯାଉଛି। ବିଭାଗୀୟ ଅଧିକାରୀମାନେ ନିର୍ମାଣ କାର୍ଯ୍ୟ ଠିକ୍ ଭାବେ ତଦାରଖ କରୁନାହାନ୍ତି । ଅଧିକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ କୋଠା କାର୍ଯ୍ୟ ନିମ୍ନମାନର ହେଉଛି। ଥରେ ମେଡ଼ିକାଲ କାର୍ଯ୍ୟକ୍ଷମ ହେବା ପରେ ରକ୍ଷଣାବେକ୍ଷଣକୁ ମଧ୍ୟ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଗଞ୍ଜାମ ଜିଲାର ଅଧିକାଂଶ ମେଡ଼ିକାଲ୍‌ର କୋଠା ଅସୁରକ୍ଷିତ ହୋଇପଡ଼ିଛି ।

## ପାତାଳେଶ୍ୱର ଭଜନ ସଂଘର ବାର୍ଷିକୋତ୍ସବ



କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି ।

ବ୍ରହ୍ମପୁର ଅଫିସ୍,୨୬।୮

ପାତାଳେଶ୍ୱର ଭଜନ ସଂଘର ୩୯ତମ ବାର୍ଷିକ ଉତ୍ସବ ରବିବାର ପାତାଳେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୪ଘଣ୍ଟିଆ ଭଜନ ପରିବେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରବିବାର ସକାଳ ୬ଟାରୁ ଏହା ଆରମ୍ଭ କରାଯାଇଥିଲା । ଚଳିତ ବର୍ଷର ଆକର୍ଷଣ ଥିଲେ ଜଣାଶୁଣା କଣ୍ଠଶିଳ୍ପୀ ଗୋବିନ୍ଦ ଚନ୍ଦ୍ର । ସେ ଗୋଟିଏ ପରେ ଗୋଟିଏ ଭଜନ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ତାଙ୍କୁ ଶୁଣିବା ପାଇଁ ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେହିଭଳି ସ୍ଥାନୀୟ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ କଣ୍ଠଶିଳ୍ପୀ ମଧ୍ୟ ଭଜନ ପରିବେଷଣ କରିଥିଲେ। ସୋମବାର ସକାଳେ ଏହା ପୂର୍ଣ୍ଣାହୁତି ହେବ । ପାତାଳେଶ୍ୱର ଭଜନ ସଂଘ ପକ୍ଷରୁ ପ୍ରତି ବର୍ଷ ରାଖୀ ପୂର୍ଣ୍ଣମାରେ ବାର୍ଷିକ ଉତ୍ସବ ପାଳନ କରାଯାଏ ।

## କଳିଙ୍ଗ ସାହିତ୍ୟ ସମାଜର ସାରସ୍ୱତ ସମାରୋହ




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୨୬।୮

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଆଶ୍ରମରେ ଏକ ସ୍ୱତନ୍ତ୍ର ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। କବି ଅମିୟବାଳା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହାକୁ ଡ. ଶରତ କୁମାର ଜେନା ସଂଯୋଜନା କରିଥିଲେ। ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଅନୁଷ୍ଠାନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ନାଟ୍ୟକାର ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ଭଞ୍ଜଭାରତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଡ. କୈଳାସ ତ୍ରିପାଠୀଙ୍କୁ ଦଣ୍ଡପାଣି ବେହେରା ସ୍ମୃତି ସମ୍ମାନ, କବି ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ଆଶୋକ ମିଶ୍ର ସ୍ମୃତି ସମ୍ମାନ, ଲୋକନାଥ ମିଶ୍ରଙ୍କୁ ସୁରେଶ ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ 'ଓଡ଼ିଆ ଉପନ୍ୟାସରେ ଲୋକାନୁଭୂତି' ପୁସ୍ତକ ଉନ୍ମୋଚିତ ହୋଇଥିଲା । ଡ. ବନମାଳୀ ପାଣିଗ୍ରାହୀ, ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. କୁଳମଣି ଓଝାଙ୍କ ସମେତ ଦିଲୀପ କୁମାର ଚୌଧୁରୀ, ନଳିନୀ କୁମାର ଗୌଡ ଓ ସ୍ୱର୍ଣ୍ଣପ୍ରଭା ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅଙ୍ଗାହାର ନୃତ୍ୟାୟନର ବନ୍ଧନ ଉତ୍ସବ



ବନ୍ଧନ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ବ୍ରହ୍ମପୁର ଅଫିସ, ୨୬।୮

ସାଂସ୍କୃତିକ ଅନୁଷ୍ଠାନ ଅଙ୍ଗାହାର ନୃତ୍ୟାୟନ ପକ୍ଷରୁ ବନ୍ଧନ ଉତ୍ସବ ରବିବାର ହିଲପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମା ମାଧବ ପାଣିଗ୍ରହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଅନ୍ତର୍ନିହିତ କଳାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ, ଅବସରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ଷା ବନ୍ଧନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ରଣପା, ରାଖୀ ନୃତ୍ୟ, ସମ୍ବଲପୁରୀ, ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ସଚ୍ଚିଦା ନନ୍ଦ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗୁରୁ ଜୟନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନ ସଭାପତି ପ୍ରଫୁଲ୍ଲ ଜଗନ୍ନାଥ ପାଢୀ ଧନ୍ୟବାଦ ଦେଇଥିଲେ ।

### ବାଜପେୟୀଙ୍କ ଏକାଦଶାହ ପାଳିତ

ବ୍ରହ୍ମପୁର ଅଫିସ୍,୨୬।୮: ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ବହୁମୁଖୀ ସଂଘ ତରଫରୁ ରବିବାର ଜନନାୟକ ଅଟଳ ବିହାରୀ ବାଜପେୟୀଙ୍କ ଏକାଦଶାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସ୍ଥାନୀୟ କୋର୍ଟପେଟା ଛକ ପୋଖରୀରେ ତିଳତର୍ପଣ କରାଯାଇଥିଲା। ପୁରୋହିତ ଭାବେ ପ୍ରଦୀପ ମିଶ୍ର ଏବଂ ପୂଜାରୀ ସନ୍ତୋଷ ଆଚାର୍ଯ୍ୟ ବେଦପାଠ କରିବା ସହ ତିଳତର୍ପଣ କରାଇଥିଲେ। ଏଥି ସହ ଏକ ସ୍ମୃତିସଭା ଆୟାଜନ କରାଯାଇଥିଲା। ସଂଗଠନ ସଭାପତି ରାମ କୁମାର ପାତ୍ର, ରାଜେଶ ମାଝି, କାଳୀ ପ୍ରସାଦ ମହାକୁଡ଼, ସନ୍ତୋଷ ସାବତ, ପ୍ରହ୍ଲାଦ ପାଣିଗ୍ରାହୀ, ସନ୍ଦେଶ ଦାସ, ହେମନ୍ତ ପାତ୍ର, ସତୀଶ ସ୍ୱରୂପ ଜେନା, ଭାଗୀରଥି ପାଣିଗ୍ରାହୀ, କେଶବ ଚନ୍ଦ୍ର ପାଢୀ, ଭଗବାନ ଭୂୟାଁ ଓ ଅଜିତ ପାତ୍ର ପ୍ରମୁଖ ଭାଗନେଇ ଅଟଳଙ୍କ ଜୀବନୀକୁ ମନେ ପକାଇଥିଲେ ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ହିଞ୍ଜିଳିକାଟୁ,୨୬।୮(ଡି.ଏନ୍.ଏ.): ହିଞ୍ଜିଳି ଥାନା ବୁଗୁଡ଼ାପଲ୍ଲୀ ଗ୍ରାମ ନିକଟ ତୋଟା ମଧ୍ୟରୁ ରବିବାର ରାତି ପ୍ରାୟ ୯ଟାରେ ଗ୍ରାମବାସୀ ଜଣେ ଯୁବକଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ହିଞ୍ଜିଳିକାଟୁ ଡ଼ାକ୍ତରଖାନା ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ହେଲେ ବୁଗୁଡ଼ାପଲ୍ଲୀ ଗ୍ରାମର ବିଶିକେଶନ ଦାସ (୧୯) । ତାଙ୍କ ମୁହଁର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଛି। ରବିବାର ସନ୍ଧ୍ୟା ପ୍ରାୟ ୭ ଟାରେ ଗ୍ରାମର ଜଣେ ସାଙ୍ଗଙ୍କ ସହ ବିଶିକେଶନ ଘରୁ ଯାଇଥିଲେ, ରାତି ପ୍ରାୟ ୯ଟାରେ ତାଙ୍କୁ ଗାଁ ନିକଟ ତୋଟାରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିବା ବାପା କଳ୍ପତରୁ ପୋଲିସକୁ କହିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜଣା ପଡି ନାହିଁ। ହିଞ୍ଜିଳି ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ବିଦ୍ୟାମନ୍ଦିରରେ ବୈଠକ

ବ୍ରହ୍ମପୁର ଅଫିସ୍,୨୬।୮

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରାଦେଶିକ ଉଚ୍ଚମାଧ୍ୟମିକ ବିଭାଗର ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସହସଂଗଠନ ମନ୍ତ୍ରୀ ବିଦ୍ୟାଭାରତୀ ତଥା ସଂଗଠନ ସମ୍ପାଦକ, ଶିକ୍ଷା ବିକାଶ ସମିତି, ଗୋବିନ୍ଦ ଚନ୍ଦ୍ର ମହନ୍ତ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ମହାରଣା ମାର୍ଗଦର୍ଶନ କରିଥିବା ବେଳେ ଦକ୍ଷିଣ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ସମସ୍ତ ଅତିଥି ଅଧିକାରୀମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସରୋଜ କୁମାର ହାତୀ । ଏଥିରେ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ଓଡ଼ିଶାରେ ଥିବା ପ୍ରାୟ ୧୦ ଉଚ୍ଚମାଧ୍ୟମିକ ବିଭାଗର ପ୍ରଧାନାଚାର୍ଯ୍ୟ ଓ ସମ୍ପାଦକ ଯୋଗ ଦେଇଥିଲେ ।

## ଗଛରେ ରାଖୀ ବାନ୍ଧିଲେ ସବୁଜ ବାହିନୀ କର୍ମକର୍ତ୍ତା




ସବୁଜ ବାହିନୀ କର୍ମକର୍ତ୍ତାମାନେ ବୃକ୍ଷରେ ରାଖୀ ବାନ୍ଧୁଛନ୍ତି।

ବ୍ରହ୍ମପୁର ଅଫିସ୍,୨୬।୮

ରାଖୀପୂର୍ଣ୍ଣମା ଆମ ସଂସ୍କୃତି, ସଭ୍ୟତା ଏବଂ ସଂସ୍କାର ସହ ଜଡ଼ିତ । ଭାଇ-ଭଉଣୀଙ୍କ ମଧ୍ୟରେ ପବିତ୍ର ସମ୍ପର୍କର ଏହା ହେଉଛି ମହାପର୍ବ । କିଛି ବର୍ଷ ହେଲା ଏହି ପର୍ବ କେବଳ ଭାଇ ଏବଂ ଭଉଣୀଙ୍କ ମଧ୍ୟରେ ସୀମିତ ରହିନାହିଁ । ଦେଶର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳୁଛି ଯେ, ରାଖୀରେ ଛାତ୍ରୀଛାତ୍ର ଏବଂ ବିଭିନ୍ନ ସଂଗଠନ କର୍ମକର୍ତ୍ତାମାନେ ବୃକ୍ଷରେ ରାଖୀ ବାନ୍ଧୁଛନ୍ତି। ନିବିଡ଼ ସମ୍ପର୍କର ନିଆରା ରାଖୀ ଦେଖିବାକୁ ମିଳୁଛି । ଏମିତି କାର୍ଯ୍ୟକ୍ରମ ରବିବାର ରାଖୀପୂର୍ଣ୍ଣମାରେ ବ୍ରହ୍ମପୁରରେ ଦେଖିବାକୁ ମିଳିଥିଲା ।

ବୃକ୍ଷ ନାହିଁ ତ ଜୀବନ ନାହିଁ । ଏଭଳି ପ୍ରେରଣାକୁ ନେଇ ବିଗତ କିଛି ବର୍ଷ ହେଲା ବୃକ୍ଷରୋପଣ ଏବଂ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି ଉତ୍ସାହୀଯୁବକଙ୍କ ସଂଗଠନ 'ସବୁଜ ବାହିନୀ' । ରବିବାର ରାଖୀପୂର୍ଣ୍ଣମା ଅବସରରେ ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମ ଏହି ସଂଗଠନ ପକ୍ଷରୁ ଆୟୋଜିତ ହୋଇଥିଲା । ସକାଳେ ସ୍ଥାନୀୟ ଗାନ୍ଧୀନଗର ଅଞ୍ଚଳରେ ଥିବା ବୃକ୍ଷଗୁଡ଼ିକରେ ରାଖୀ ବନ୍ଧା ଯାଇଥିଲା । ପରେ ପରେ ଧର୍ମନଗର, ପ୍ରେମ ନଗର, ଗାନ୍ଧୀ ପାର୍କ ସମ୍ମୁଖ ରାସ୍ତା, ନୀଳକଣ୍ଠେଶ୍ୱର ସ୍ୱର୍ଗଧାମ, ଡାଇମଣ୍ଡ ଟ୍ୟାଙ୍କ ରାସ୍ତା ଏବଂ ପଞ୍ଚ ଦେଉଳ ମଠ ଆଦି ଅଞ୍ଚଳରେ ଥିବା ବୃକ୍ଷଗୁଡ଼ିକରେ ମଧ୍ୟ ରାଖି ବନ୍ଧା ଯାଇଥିଲା । ସଂଗଠନ ସଦସ୍ୟମାନେ ବୃକ୍ଷଗୁଡ଼ିକରେ ରାଖୀ ବାନ୍ଧିବା ସହ ସେଗୁଡ଼ିକୁ ସୁରକ୍ଷା ଦେବାକୁ ସଂକଳ୍ପ ନେଇଥିଲେ । ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀଙ୍କ କହିବାନୁଯାୟୀ, ମାନବ ସଭ୍ୟତାର ସ୍ଥିତି ଏବଂ ସୁରକ୍ଷା, ବୃକ୍ଷ ଉପରେ ନିର୍ଭର କରେ । କାରଣ ପରିବେଶ ସନ୍ତୁଳନ ଦିଗରେ ବୃକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ବୃକ୍ଷ ଯଦି ରହିବନି, ତେବେ ପୃଥିବୀ ଧ୍ୱଂସ ପାଇଯିବ । ଅର୍ଥାତ୍ ପୃଥିବୀକୁ ଧ୍ୱଂସମୁଖରୁ ବଞ୍ଚାଉଛି ବୃକ୍ଷ । କିନ୍ତୁ ଦେଖିବାକୁ ମିଳୁଛି ଯେ, ବର୍ତ୍ତମାନ ବୃକ୍ଷ ପ୍ରତି ବିପଦ ସୃଷ୍ଟି ହୋଇଛି, ସେଗୁଡ଼ିକୁ କାଟି ଦିଆଯାଉଛି । ଯିଏ ଆମ ପରିବେଶକୁ ସୁରକ୍ଷା ଦେଉଛି, ତାର ସୁରକ୍ଷାର ଆବଶ୍ୟକତା ରହିଛି । ସେଥିପାଇଁ ଏହି ରାଖୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବୃକ୍ଷରେ ରାଖି ବାନ୍ଧିବା ସହ ସେଗୁଡ଼ିକର ସୁରକ୍ଷା ପାଇଁ ଆମେ ସଂକଳ୍ପ ନେଇଛୁ ବୋଲି ସଭାପତି ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ସମ୍ପାଦକ ଏମ୍. ଦିଲୀପ କୁମାରଙ୍କ କହିବାନୁଯାୟୀ, ଜୀବନ ତମାମ ଭାଇ ସବୁ ସମୟରେ ସୁରକ୍ଷା ଦେବ ବୋଲି ଆଶା ରଖି ଭଉଣୀ ରାଖୀ ବାନ୍ଧୁଛନ୍ତି। ବୃକ୍ଷ ମଧ୍ୟ ଆମକୁ ଏବଂ ଆମ ପରିବେଶକୁ ସୁରକ୍ଷା ଦେଉଛି । ସେଥି ପାଇଁ ବୃକ୍ଷରେ ରାଖୀ ବନ୍ଧାଯାଇଛି । ଏହି କାର୍ଯ୍ୟକ୍ରମରେ ବାହିନୀର ସଦସ୍ୟ ଶିବ ରାମ ବେହେରା, ସନିଆ ଗୌଡ଼, ରବିନ ସାହୁ, ଦୀପକ ପାତ୍ର, ସୋନୁ ମନ୍ନା, ଏ. ପ୍ରକାଶ କୁମାର, କେ. ସୁଶିଲ କୁମାର ଏବଂ ବନମାଳୀ ପ୍ରଧାନ ପ୍ରମୁଖ ଭାଗନେଇଥିଲେ ।

## ବ୍ରହ୍ମପୁରରେ ରାଖୀ ପୂର୍ଣ୍ଣିମା



ବ୍ରହ୍ମପୁର ସହର ଉପକଣ୍ଠ ନିମଖଣ୍ଡି ଗ୍ରାମରେ ଜଣେ ଭାଉଣୀ ତାଙ୍କ ସାନଭାଇଙ୍କୁ ରାଖୀ ବାନ୍ଧୁଛନ୍ତି ।



ହାଉସିଂବୋର୍ଡର ଏକ ଶିକ୍ଷାନୁଷ୍ଠାନରେ ରାଖୀ ପିନ୍ଧାଯିବା ପରେ ସେଲ୍‌ଫି ନିଆଯାଉଛି ।




ବନ୍ଧନ କଲ୍ୟାଣ ମଣ୍ଡପରେ ମହିଳା ବିଜେଡ଼ି ପକ୍ଷରୁ ରାଖୀ ପୂର୍ଣ୍ଣିମା ଅବସରରେ ପିଠା ଓ ମିଠାର ଆସର । (ଫଟୋ-ସମୀର)

## ସଂକ୍ଷେପରେ

### ଜ୍ଞାନ ବିଜ୍ଞାନ ମେଳା



କୋଦଲା,୨୬।୮(ଡି.ଏନ.ଏ.): କୋଦଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଅଶ୍ୱିନୀ କୁମାର ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ଉପଦେଷ୍ଟା ଉପମନ୍ୟୁ ଶତପଥୀ, ଉଦ୍‌ଘାଟନ କରିଥିବା ବେଳେ ପ୍ରଧାନାଚାର୍ଯ୍ୟ ମାଧବାନନ୍ଦ ଦାଶ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିରେ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଅଞ୍ଚଳର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମା ଗୁରୁଜୀମାନେ ପରିଚାଳନା କରିଥିବା ବେଳେ ଅଭିଭାବକମାନେ ସହଯୋଗ କରିଥିଲେ।

### ■ କେରଳ ବନ୍ୟା ପାଇଁ ସିପିଏମ୍‌ର ଦାନ ସଂଗ୍ରହ
### କଲେଜ ଛାତ୍ରୀଛାତ୍ର ଜଳଖିଆ ଖର୍ଚ୍ଚ ପ୍ରଦାନ କଲେ



ଭଞ୍ଜନଗର,୨୬।୮(ଡି.ଏନ.ଏ.): କେରଳ ବନ୍ୟା ପୀଡ଼ିତଙ୍କୁ ସହାୟତା ପାଇଁ ଶୁକ୍ରବାର ସିପିଏମ୍ ଭଞ୍ଜନଗର ଅଞ୍ଚଳ ପକ୍ଷରୁ ଦାନ ସଂଗ୍ରହ କରାଯାଇଛି। ସିପିଏମ୍ କର୍ମକର୍ତ୍ତାମାନେ ସହରର ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଭେଟି ସହାୟତା ରାଶି ସଂଗ୍ରହ କରିଛନ୍ତି। ଏହି ସମୟରେ ସିପିଏମ୍ ନେତା ପି.ହରିକୃଷ୍ଣ ରେଡ୍ଡୀ, ନୀଳମଣି ଗୁରୁ, ବାସୁଦେବ ଗୌଡ଼, ଅଭିମନ୍ୟୁ ଗୌଡ଼, ଦାସ ଗମାଙ୍ଗୋ, ଲୋଧା ଗମାଙ୍ଗୋ, ବିଭୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କ୍ଷତ୍ରିୟବରପୁର ଆଞ୍ଚଳିକ କଲେଜ ଛାତ୍ରୀଛାତ୍ରମାନେ ସେମାନଙ୍କର ଦିନକର ଜଳଖିଆ ଖର୍ଚ୍ଚ ବନ୍ୟା ପୀଡିତଙ୍କୁ ଦାନ କରିଛନ୍ତି। ଏନେଇ ଯୁବ ରେଡ଼କ୍ରସ ପକ୍ଷରୁ ଏକ ସଚେତନତା ସଭା ହୋଇଥିଲା। ଅଧ୍ୟକ୍ଷ ଅମୂଲ୍ୟ ଦାସ ବିପଦରେ ଅନ୍ୟକୁ କିଭଳି ସାହଯ୍ୟ କରାଯାଏ ସେ ଉପରେ କହିଥିଲେ। ଯୁବ ରେଡ଼କ୍ରସ ଅଧିକାର ବି.ଗୋବିନ୍ଦ ରାଓ, ସ୍ୱରୂପାରାଣୀ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ■ ସରକାରୀ ଜମି ଜବରଦଖଲ ପ୍ରସଙ୍ଗ ତଦନ୍ତରେ ଶିଥିଳତା ନେଇ ଅଞ୍ଚଳବାସୀ ଅସନ୍ତୋଷ

ଗଞ୍ଜାମ,୨୬।୮(ଡି.ଏନ.ଏ.): ଗଞ୍ଜାମ ଏନ୍‌ଏସି ୱାର୍ଡ ନଂ.୬ ବ୍ରାହ୍ମଣ ଡ଼ାମଣାସାହି ବ୍ଲକ କ୍ୱାର୍ଟର ନିକଟ ରଷିକୁଲ୍ୟା ଗ୍ରାମ ବ୍ୟାଙ୍କ ସମ୍ମୁଖରେ ସରକାରୀ ଜମି ଖାତା ନଂ.୪୪୪ ପ୍ଲଟ ନଂ. ୮୨୮କୁ ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାରଙ୍କ ସମ୍ପର୍କୀୟ ଜବରଦଖଲ କରିଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଗତ ଜୁଲାଇ ୧୭ରେ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ। ଏଥିସହିତ ଉକ୍ତ ସରକାରୀ ଜମିରେ ଘର ନିର୍ମାଣ ପାଇଁ ପୁନାଦି ପକାଯାଇଥିବାରୁ ତାହାକୁ ଉଚ୍ଛେଦ ପାଇଁ ଉପଜିଲାପାଳ, ତହସିଲଦାର ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ପାଇବା ପରେ ଉପଜିଲାପାଳ ଦେବବ୍ରତ ସାହୁ ତଦନ୍ତ ପାଇଁ ଗଞ୍ଜାମ ତହସିଲଦାର ଅବନୀ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ସାହୁଙ୍କ ନିର୍ଦ୍ଦେଶରେ ରାଜସ୍ୱ ସୁପରଭାଇଜର ସୁବାସ ନାୟକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଏବଂ ଅମିନ ପ୍ରମୁଖ ଉକ୍ତ ସ୍ଥାନର ମାପଚୁପ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ତହସିଲଦାର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। କିନ୍ତୁ ଇତିମଧ୍ୟରେ ଏକମାସ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ବଡ଼ବଜାର ବ୍ୟବସାୟ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ସାମାଜିକ କର୍ମୀ ବଟକୃଷ୍ଣ ରାଉଳଙ୍କ ସମେତ ବହୁ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରେ ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ନୋଟିସ କରାଯାଇଛି ଏବଂ ଓଡ଼ିଶା ପ୍ରିଭେନସନ୍ ଅଫ୍ ଲ୍ୟାଣ୍ଡ ଏନ୍‌କ୍ରୋସ୍‌ମେଣ୍ଟ ଆକ୍ଟ ଅନୁଯାୟୀ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ସୁନାମି ମୁକାବିଲା ନେଇ ପ୍ରଶାସନର ପ୍ରସ୍ତୁତି

■ ଲୋକଙ୍କୁ ସଚେତନ କର-ଏଡିଏମ୍
■ ୫ରେ ଭେଙ୍କଟରାୟପୁରରେ ମକ୍‌ଡ୍ରିଲ୍

ଛତ୍ରପୁର,୨୬।୮(ଡି.ଏନ୍.ଏ.)

ସୁନାମୀ ପରି ଏକ ଅହେତୁକ ବିର୍ପ୍ୟୟର ସଫଳ ମୁକାବିଲା ପାଇଁ ଗଞ୍ଜାମ ଜିଲାସ୍ତରୀୟ କର୍ମଶାଳା ଓ ପ୍ରାକ୍ ଅଭ୍ୟାସ କାର୍ଯ୍ୟକ୍ରମ ଶନିବାର ଛତ୍ରପୁରସ୍ଥିତ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ସୁନାମୀ ମୁକାବିଲା ପାଇଁ ଶତ ପ୍ରତିଶତ ସଫଳତାର ସହ କାର୍ଯ୍ୟ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। କୌଣସି ଜୀବନହାନୀକୁ ରୋକିବାକୁ ସମ୍ପୃକ୍ତ ଗୋଷ୍ଠୀମାନେ ଜନସାଧାରଣଙ୍କୁ ଯଥେଷ୍ଟ ମାତ୍ରାରେ ସଚେତନ କରାଇବେ। ଲୋକଙ୍କୁ ଆତଙ୍କିତ ନକରି ସେମାନଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବାକୁ ଉଦ୍ୟମ କରିବାକୁ କୁହାଯାଇଛି। ଗଞ୍ଜାମ ଜିଲାର ଚିକିଟି, ରଙ୍ଗେଇଲୁଣ୍ଡା, ଛତ୍ରପୁର ଓ ଗଞ୍ଜାମ ବ୍ଲକର ୪୪ ଟି ସମୁଦ୍ରକୂଳଗ ଗାଁ ସମ୍ଭାବ୍ୟ ସୁନାମୀ ଅଞ୍ଚଳ ମଧ୍ୟରେ ଆସୁଅଛି। ଚିକିଟି ବ୍ଲକର ୬ଟି ଗାଁ, ଛତ୍ରପୁର ବ୍ଲକର ୧୦ ଟି ଗାଁ, ରଙ୍ଗେଇଲୁଣ୍ଡା ବ୍ଲକର ୧୩ଟି ଗାଁ ଏବଂ ଗଞ୍ଜାମ ବ୍ଲକର ୧୫ଟି ଗାଁ ଅନ୍ତର୍ଭୁକ୍ତ। ସମୁଦ୍ର ଉପକୂଳକରୁ ଦେଢ କି.ମି. ମଧ୍ୟରେ ଏସବୁ ଗାଁ ସୁନାମୀ ସମ୍ଭାବନା ମଧ୍ୟରେ ରହିଛି। ଗଞ୍ଜାମ ଜିଲାରେ ଉକ୍ତ ୪୪ଟି ଗାଁ ସମେତ ୧୦୫ ଟି ଗାଁରେ ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ରାଜ୍ୟ ସ୍ତରରୁ ସୁନାମୀ ଖବର ଜିଲା ସ୍ତରରେ ପହଞ୍ଚିବା ପରେ ଏହା କିପରି ଗ୍ରାମ ପଞ୍ଚାୟତ ଏବଂ ଗାଁ ସ୍ତରରେ ପହଞ୍ଚିବ ତାର ରୂପରେଖ ଆଲୋଚନା କରାଯାଇଥିଲା। ଗାଁ ସ୍ତରରେ ପ୍ରସ୍ତୁତି ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଜିଲାର ସମ୍ଭାବ୍ୟ ପ୍ରଭାବିତ ଗାଁ ଗୁଡିକରେ ଉଚ୍ଚ ଶକ୍ତି ସମ୍ପନ୍ନ ସାଇରନ୍ ବ୍ୟବସ୍ଥା କରାଯିବ। ଭୂକମ୍ପ ଦ୍ୱାରା ସୁନାମୀ ହେଉଥିବାରୁ ଏହାର ପ୍ରାକ୍ ସୂଚନା ମିଳପାରି ନ ଥାଏ। ଭୂକମ୍ପ ହେବା ପରେ ଏହାର ଗତିବିଧି ଲକ୍ଷ୍ୟ କରି ସୁନାମୀ ବାର୍ତ୍ତା ପ୍ରଦାନ କରାଯାଇଥାଏ। ଏହି ବୈଠକରେ ପୋଲିସ, ଅଗ୍ନିଶମ, ଗ୍ରାମ ପଞ୍ଚାୟତ ଅଧିକାରୀ, ସ୍ୱେଚ୍ଛାସେବୀ ଏବଂ ଜିଲା ଜରୁରୀକାଳୀନ ବିଭାଗର କାର୍ଯ୍ୟ ପୃଥକ ପୃଥକ ଭାବେ ଆଲୋଚନା କରାଯାଇଥିଲା। ସେପ୍ଟେମ୍ବର ୫ ତାରିଖରେ ଗୋପାଳପୁର ନିକଟ ଭେଙ୍କଟରାୟପୁର ଠାରେ ସୁନାମୀ ପ୍ରସ୍ତୁତିର ମକଡ୍ରିଲ୍ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ଜରୁରୀକାଳୀନ ଅଧିକାରୀ ପ୍ରଜ୍ଞା ପରମିତା ଥାଟୋଇ, ଡିଏସପି କେଶବ ଚନ୍ଦ୍ର ବେହେରା, ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ଅଧିକାରୀ ବୈଦେହୀ ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଅତିରିକ୍ତ ଜିଲାପାଳ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା


ବିଚାରକମାନେ ବିଜ୍ଞାନ ମେଳା ବୁଲି ଦେଖୁଛନ୍ତି।

ଭଞ୍ଜନଗର,୨୬।୮(ଡି.ଏନ.ଏ)

ଭଞ୍ଜନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଜ୍ଞାନ ମେଳାକୁ ଶିକ୍ଷାକେନ୍ଦ୍ର ସଭାପତି ଡ଼.କମ୍ବୁପାଣି ସାମନ୍ତ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଅଧାପକ ବି.ଗୋବିନ୍ଦ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ବିଚାରକ ଭାବେ ବିଜ୍ଞାନ ଶିକ୍ଷୟିତ୍ରୀ ବାସନ୍ତୀ ପାଣିଗ୍ରାହୀ, ଶିକ୍ଷକ ଦିଗାମ୍ବର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଶିକ୍ଷାକେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଦିନରେ କୋହଲା ପାଗ ସାଙ୍ଗକୁ କୁହୁଡ଼ି

## ■ ଦାରିଙ୍ଗବାଡ଼ିରେ ଶୀତ,ସର୍ବନିମ୍ନ ତାପମାତ୍ରା ୧୮ ସର୍ବାଧିକ ୨୩

ଦାରିଙ୍ଗବାଡ଼ି,୨୬।୮(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଗତ କିଛି ଦିନ ହେଲା କୋହଲା ପାଗ ସାଙ୍ଗକୁ ଦିନରେ କୁହୁଡ଼ି ଆଚ୍ଛାଦିତ ହୋଇ ରହୁଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶନିବାର ସର୍ବନିମ୍ନ ତାପମାତ୍ରା ୧୮ଡିଗ୍ରୀ ରେକର୍ଡ଼ ଓ ସର୍ବାଧିକ ୨୩ ଡିଗ୍ରୀ ରେକର୍ଡ କରାଯାଇଛି। ଦିନରାତି ଶୀତ ଅନୁଭୂତ ହେଉଛି। ସେପଟେ କୋହଲା ପାଗ ଶୀତକୁ ଦ୍ୱିଗୁଣିତ କରିଦେଇଛି। ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ଶୀତ ଆଉ କୋହଲା ପାଗରେ ଛାତ୍ରୀଛାତ୍ରମାନେ ବହୁ କଷ୍ଟରେ ବେଦ୍ୟାଳୟକୁ ଯାଉଥିବା ଛାତ୍ରୀ ସୁମିତ୍ରା ପ୍ରଧାନ କହିଛନ୍ତି। ସେପଟେ କୁହୁଡ଼ି ଯୋଗୁ ଏହି ଦୁର୍ଗମ ଅଞ୍ଚଳରେ ଗାଡି ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେଉଛି। ଗତ ୪ ଦିନହେଲା ଅଞ୍ଚଳରେ ସୂର୍ଯ୍ୟ କିରଣ ମଧ୍ୟ ପଡିନାହିଁ। କୋହଲା ପାଗ ଯୋଗୁ ଥଣ୍ଡା ଓ ବିଭିନ୍ନ ଭୂତାଣୁ ଜନିତ ରୋଗୀଙ୍କ ସଂଖ୍ୟା ବଢିଥିବା ମେଡିକାଲରେ ଦେଖିବାକୁ ମିଳୁଛି। ଏନେଇ ଦୈନିକ ଶହଶହ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଜୟପାଲ ସେନାପତି କହିଛନ୍ତି। ସେପଟେ କୁହୁଡ଼ି ଯୋଗୁ ପର୍ଯ୍ୟଟକଙ୍କ ଭିଡ ମଧ୍ୟ ପରିଲକ୍ଷିତ ହୋଇଛି। ରାଜ୍ୟର ଚାରିଆଡ଼େ ଗରମ ଅନୁଭୂତ ହେଉଥିବାବେଳେ ଦାରିଙ୍ଗବାଡ଼ିରେ ଶୀତ ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଆଣିଦେଇଛି। ସେହିପରି ଅଞ୍ଚଳରେ ଦିନତମାମ୍ ଝିପିଝିପି ବର୍ଷା ମଧ୍ୟ ହେଉଛି। ଶନିବାର ସକାଳ ସୁଦ୍ଧା ୮ ମି.ମି. ବର୍ଷା ହୋଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।


କୁହୁଡ଼ି ଯୋଗୁ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ।

# ରକ୍ଷା ବନ୍ଧନ ଉତ୍ସବ

ଆସିକା,୨୬।୮(ଡି.ଏନ୍.ଏ.)

ଆସିକା ଏନ୍‌ଏସିର କଳିଙ୍ଗା ରୋଡସ୍ଥିତ ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ତପସ୍ୟାଧାମ ଠାରେ ଶନିବାର ମଧ୍ୟାହ୍ନରେ ରକ୍ଷା ବନ୍ଧନ ଉତ୍ସବ ଓ ଦାଦି ପ୍ରକାଶ ମଣିଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଥିଲା। ମୁଖ୍ୟଅତିଥି ରୂପେ ସାମାଜିକ କର୍ମୀ ବଂଶୀଧର ନାହାକ, ସମ୍ମାନୀତ ଅତିଥି ରୂପେ ଆଇନଜୀବି ଦୀଲିପ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଆଶ୍ରମ ସଞ୍ଚାଳିକା ବ୍ରହ୍ମାକୁମାରୀ ଲିଲି ଦାଦି ପ୍ରକାଶ ମଣିଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଆସିକା ସହର ସମେତ ଜୟପୁର, ପଡାଳ, କେନ୍ଦୁପଦର, ତରାସିଙ୍ଗି, ମଣ୍ଡାପଡା, କଲେଜ ଛକ, ନୂଆଁପଲ୍ଲୀ, ଲଛମନପଲ୍ଲୀ, ଗୁଣ୍ଡପଡା ଆଦି ଗ୍ରାମରୁ ଶ୍ରଦ୍ଧାଳୁ ସାମିଲ ଥିଲେ।

# ଜି.ଉଦୟଗିରି ମହିଳା କଲେଜରେ ପାନୀୟ ଜଳ ସମସ୍ୟା

ଜି.ଉଦୟଗିରି,୨୬।୮(ଡି.ଏନ.ଏ.)

ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ପାନୀୟ ଜଳ ପାଇଁ କୌଣସି ବ୍ୟବସ୍ଥା ନଥିବା ଯୋଗୁ ୪୦୦ ଛାତ୍ରୀ ଓ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ନ ଥିବାରୁ କଲେଜରେ ଥିବା ଶୌଚାଳୟ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ୪୦୦ ପିଲାଙ୍କୁ କଲେଜ ତରଫରୁ ପାଣି ଯୋଗାଇବା ସମ୍ଭବ ହେଉନାହିଁ। ପାନୀୟ ଜଳ ଯୋଗାଣ ବିଭାଗ ଓ ଏନଏସି କର୍ତ୍ତୃପକ୍ଷଙ୍କୁ କଲେଜରେ ଏକ ନଳକୂଅ ଖୋଳିବା କିମ୍ବା ପାଇପ ପାଣି ବ୍ୟବସ୍ଥା କରିବାକୁ ବହୁବାର ଅନୁରୋଧ କରାଯାଇଛି ବୋଲି କଲେଜ ଅଧ୍ୟକ୍ଷ ଶିବରାମ ସାହୁ କହିଛନ୍ତି। ୧୯୯୬ ମସିହାରୁ ପ୍ରତିଷ୍ଠିତ ଏହି ମହିଳା ମହାବିଦ୍ୟାଳୟକୁ ଏ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ ହୋଇ ନ ଥିବା ଯୋଗୁ ଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। କଲେଜକୁ ଏନ୍‌ଏସି ତରଫରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ଦାବି ହୋଇଛି। ଏ ସମ୍ପର୍କରେ ଏନ୍‌ଏସି ଅଧ୍ୟକ୍ଷ ପି. ସଞ୍ଜୀବ କୁମାର ପାତ୍ରଙ୍କୁ ପଚାରିବାରେ, ଦୁଇଥର କଲେଜ ପରିସର ମଧ୍ୟରେ ନଳକୂଅ ଖୋଳାଯାଇଛି, କିନ୍ତୁ ଉଚ୍ଚା ଜାଗା ଯୋଗୁ ପାଣି ବାହାରିଲା ନାହିଁ। ଅତିଶୀଘ୍ର କଲେଜକୁ ପାଣି ଯୋଗାଇବା ପାଇଁ ପଦକ୍ଷେପ ନିଆଯିବ। ସେ ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ଟ୍ୟାଙ୍କର ଯୋଗେ ଛାତ୍ରୀମାନଙ୍କ ପିଇବା ପାଇଁ ପାଣି ଯୋଗାଇ ଦିଆଯିବ ବୋଲି କହିଥିଲେ।

# ଓଡିଆ ଶ୍ରମିକଙ୍କ ମୃତଦେହ ପହଞ୍ଚିଲା

ଦିଗପହଣ୍ଡି,୨୬।୮(ଡି.ଏନ୍.ଏ.)

ତେଲେଙ୍ଗାନା ରାଜ୍ୟ ୱାରଙ୍ଗଲ ସହର ନିକଟ ତିରିଶିରା ଗାଁ ଟନେଲରେ କାମ କରୁଥିବା ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଇକଙ୍କର ଗୁରୁବାର ମୃତ୍ୟୁ ଘଟିଥିଲା। ଟନେଲର କିଛି ଅଂଶ ଭୁଷୁଡ଼ି ପଡ଼ିବାରୁ ଟନେଲ ଭିତରେ ପୂର୍ଣ୍ଣଚନ୍ଦ୍ର ଚାପି ହୋଇଯାଇଥିଲେ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ସେଠାରେ କାମ କରୁଥିବା ଜରଡ଼ା ଥାନା ଷୋଳପେଣ୍ଡ ଗ୍ରାମର ଶ୍ରମିକ ଶଙ୍କର ନାଇକ, ଗୋପିନାଥପୁର ଗ୍ରାମର ଶ୍ରମିକ ହରି ନାଇକ, କୁଶ ନାଇକ ଓ ବାବୁଲା ନାଇକ ଆମ୍ବୁଲାନ୍ସରେ ମୃତଦେହ ଆଣି ଶନିବାର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶବ ସତ୍କାର କରାଯାଇଛି। କମ୍ପାନୀ କର୍ତ୍ତୃପକ୍ଷ ଶୁଦ୍ଧିକ୍ରିୟା ନିମନ୍ତେ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ଲୋକଙ୍କୁ ୫୦ ହଜାର ଟଙ୍କା ସହାୟତା ଦେଇଛନ୍ତି।

# ଅଟୋ ଚାଳକ ସଂଘର ଶୋକସଭା

କନିଷି,୨୬।୮(ଡି.ଏନ.ଏ.)

କନିଷି ହାଟ ଶାଖା ଅଟୋ ଚାଳକ ସଂଘର କୋଷାଧ୍ୟକ୍ଷ ପଞ୍ଚାନନ ପାଢ଼ୀଙ୍କ ଶୁକ୍ରବାର ପରଲୋକ ଘଟିଛି। ଏଥିପାଇଁ କନିଷି ହାଟ ଅଟୋ ଚାଳକ ସଂଘ ପକ୍ଷରୁ ଶୋକସଭା ନିକଟସ୍ଥ ଅଟୋଷ୍ଟାଣ୍ଡ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଶୋକସଭାରେ କନିଷି ହାଟ ଅଟୋ ଚାଳକ ସଂଘର ସଭାପତି ରାମକୃଷ୍ଣ ମହାରଣା, ସମ୍ପାଦକ ପ୍ରତାପ ନାୟକ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ।

# ନିମ୍ନମାନର କଲଭର୍ଟ ନିର୍ମାଣ ନେଇ ବିଡିଓଙ୍କୁ ଅଭିଯୋଗ

ବେଗୁନିଆପଡ଼ା,୨୬।୮(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକର କେ.ବରିଡ଼ା ପିଡବ୍ଲୁଡି ରାସ୍ତାରୁ ଗ୍ରାମକୁ ଯିବା ମୁଖ୍ୟରାସ୍ତାର ଥିବା କଲଭର୍ଟ ଗ୍ରାମପଞ୍ଚାୟତ ଫଣ୍ଡରୁ ନିର୍ମାଣ ଚାଲିଛି। ଏହି କାମ ଅତି ନିମ୍ନମାନର ହେଉଥିବା ଗ୍ରାମବାସୀ ଶୁକ୍ରବାର ବିଡିଓ ପ୍ରଦୀପ କୁମାର ପଣ୍ଡାଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିବା ବେଳେ ଶନିବାର ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଭିଜିଲାନ୍ସ ଏସ୍‌ପି ଓ ବ୍ଲକ ଅଧ୍ୟକ୍ଷାଙ୍କୁ ଜଣାଇଛନ୍ତି। କଲଭର୍ଟର ଦୁଇଟି ୱାଲ୍ ତଳୁ ଖୋଳା ନ ଯାଇ ବେସ୍ ଲେବଲରୁ ତିଆରି ହୋଇଛି। କାମରେ ଭାଇବ୍ରେଟର ବ୍ୟବହାର କରାଯାଇନାହିଁ। ନିମ୍ନମାନର ରଡ ବ୍ୟବହାର ସହ କଙ୍କ୍ରିଟ୍ ନିମ୍ନମାନର ହୋଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ ଏହାର କାର୍ଯ୍ୟାଦେଶ ଥିବା ବେଳେ ପିଇଓ ଓ କନିଷ୍ଠ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ କାମ ହେଉଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏ ସମ୍ପର୍କରେ ପିଇଓ ବୃଶକେତୁ ସାହୁ କହିଥିଲେ ତଳୁ ଖୋଳା ହୋଇ କାମ ହୋଇଛି କିନ୍ତୁ କେତେ ଖୋଳା ହୋଇଛି ମୁଁ ଜାଣିନାହିଁ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ବିଶୋୟୀ କହନ୍ତି ନିମ୍ନମାନର କାମ ଅଭିଯୋଗ ପରେ ମୁଁ ମନା କରିଥିଲେ ମଧ୍ୟ ସେମାନେ ଶୁଣୁନାହାନ୍ତି। ବିଡିଓଙ୍କୁ ଯୋଗାଯୋଗ କରିବାରୁ, ଅଭିଯୋଗ ହୋଇଛି, ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।


ନିର୍ମାଣ ହୋଇଥିବା କଲଭର୍ଟ।

## ■ ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ବୈଠକ

# ସତ କହି ହଟହଟା ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ

ଦାରିଙ୍ଗବାଡ଼ି,୨୬।୮(ଡି.ଏନ.ଏ.)

**ଶିକ୍ଷା,ସ୍ୱାସ୍ଥ୍ୟ, ଗମନାଗମନକୁ ନେଇ ହଟ୍ଟଗୋଳ**


ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଲୋକ ପ୍ରତିନିଧି ।

ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ବୈଠକ ଅଧ୍ୟକ୍ଷା ସୁବେନ୍ତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି। ପ୍ରଥମେ ବୈଠକ ସମ୍ପର୍କରେ ବିଡିଓ ତ୍ରିଲୋଚନ ପାତ୍ର ସମ୍ପୂର୍ଣ୍ଣ ବିବରଣୀ ରଖିବା ସହ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବିଷୟରେ ଲୋକ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ । ଯେଉଁ ସବୁ ହିତାଧିକାରୀମାନେ ରାଶନକାର୍ଡ଼ ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନେ ଏବେ ପଞ୍ଚାୟତସ୍ତରରେ ଆବେଦନ କରିପାରିବେ। ସେମାନେ ସମୟ ସୀମା ମଧ୍ୟରେ ଆବେଦନ କରିବାକୁ ଅବଗତ କରାଯାଇଥିଲା । ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ କେଦାର ଚନ୍ଦ୍ର ପଣ୍ଡା ଗତ ବୈଠକର ବିବରଣୀ ପାଠ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟାକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଜୟପାଲ ସେନାପତି ବିଭାଗର ବିଭିନ୍ନ ବିଷୟରେ କହିଥିଲେ। ଗଦାପୁର ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ ଉଠିଥିଲା । କାଟିଙ୍ଗିଆରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ପାଇଁ ସରପଞ୍ଚ କପିଳାସ ମଲ୍ଲିକ ସମିତିସଭ୍ୟ କରମ ସିଂ ନାୟକ ଦାବି କରିଥିଲେ। ଡାକ୍ତରମାନେ ସଦାସର୍ବଦା ରହୁଥିବା ଇନ୍‌ଚାର୍ଜ ଡାକ୍ତର ଜୟପାଲ ସେନାପତି କହିଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଜନପ୍ରତିନିଧିମାନେ କହିଥିଲେ, ଡାକ୍ତରମାନେ ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କେବିକେରେ ସ୍ୱତନ୍ତ୍ର ଦରମା ନେଉଛନ୍ତି। ରୋଗୀଙ୍କୁ ଠିକ ସେବା ଯୋଗାଇବା ଆବଶ୍ୟକ ବୋଲି ହାତୀମୁଣ୍ଡା ସମିତିସଭ୍ୟ ଭିୟୁତ୍ତମ ଶୋଭାସୁନ୍ଦର କହିଥିଲେ। ଭ୍ରମରବାଡ଼ି ସରପଞ୍ଚ ଆକାଶ ପ୍ରଧାନ ପ୍ରତି ସମିତି ବୈଠକରେ ତାଙ୍କ ପଞ୍ଚାୟତରେ ଏଏନଏମ ରହୁ ନ ଥିବା ଅଭିଯୋଗ କରିଥିଲେ । ଅନ୍ୟ ଜଣଙ୍କୁ ସେଠାରେ ଦେବାକୁ ଦାବି ଉଠିଥିଲା। ପରେ ଯୋଗାଣ ନିରୀକ୍ଷକ ମଳୟ କୁମାର ମେହେର,ସିଡିପିଓ ମିନା ପାତ୍ର, ଏଲବିଇଓ ସୁବାସିନୀ ଦିଗାଳ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ନିଜ ବିଭାଗ ଓ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ଲୋକ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ଏବେ ମଧ୍ୟାହ୍ନଭୋଜନ ପାଇଁ ଚାଉଳ ପହଞ୍ଚି ନ ଥିବା ଅଭିଯୋଗ ହୋଇଥିଲା। ରାଶନକାର୍ଡ଼ ମିଳିଥିଲେ ସୁଦ୍ଧା କେତେକ ଲୋକଙ୍କୁ ଚାଉଳ ମିଳୁ ନ ଥିବା ଅଭିଯୋଗର ଉତ୍ତରରେ ଯୋଗାଣ ନିରୀକ୍ଷକ ମଳୟ କୁମାର ମେହେର ଉତ୍ତର ରଖି କହିଥିଲେ, ଏବେ ଆଧାର ଲିଙ୍କ ପରେ ଫେକ୍ ରାଶନକାର୍ଡ଼ ଜଣେ ହିତାଧିକାରୀଙ୍କ ନାମରେ ରହିଥିବା ଜଣାପଡ଼ିଛି। ସେଗୁଡ଼ିକ ତାଲିକାରୁ ବାଦ ପଡ଼ିଥିବ । ଏହାକୁ ତଦନ୍ତ କରି କୁହାଯାଇ ପାରିବ ବୋଲି ସେ କହିଥିଲେ । ସେହିପରି ଅନେକ ବିଦ୍ୟାଳୟକୁ ଶିକ୍ଷକ ନିୟମିତ ଯାଉ ନ ଥିବା ବେଳେ କେତେକ ଶିକ୍ଷକ ପାଳିକରି ଯାଉଛନ୍ତି । ଉକ୍ତ ବ୍ଲକରେ ଶିକ୍ଷାବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲେ ମଧ୍ୟ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଲୋକ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏଭଳିକି କିଛି ଶିକ୍ଷକ ବ୍ୟବସାୟ କରୁଥିବା ଏବଂ ନିଶାସକ୍ତ ଅବସ୍ଥାରେ ବୁଲୁଥିବା ବ୍ଲକ ଉପାଧ୍ୟକ୍ଷ ରମାକାନ୍ତ ବଳିଆର ସିଂ ଅଭିଯୋଗ କରିଥିଲେ । ବିଦ୍ୟାଳୟ ଗୁଡ଼ିକ ଠିକ ଭାବେ ଚଳାଇବାକୁ ହେଲେ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ କରାଯିବା ସହ ନିୟମିତ ଯାଞ୍ଚ କରାଯିବାକୁ ଦାବି କରାଯାଇଥିଲା । ବୈଠକରେ ୧୦ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପ୍ରଧାନ, ୧୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଦୀପିକା ମାଝି, ଏମ୍‌ପିଙ୍କ ଦାରିଙ୍ଗବାଡ଼ି ବ୍ଲକ ପ୍ରତିନିଧି ଦୀପକ କୁମାର ସାହୁ, ବିଧାୟକଙ୍କ ଦାରିଙ୍ଗବାଡ଼ି ପ୍ରତିନିଧି ଜୟଚନ୍ଦ୍ର ପଡ୍ତା, ଆକାଉଣ୍ଟ ଅଫିସର କ୍ଷେତ୍ରୀବର ଜାନୀ, ଭଜଂ ପ୍ରଧାନ, ଏବିଇଓ ସୁବାସିନୀ ଦିଗାଳ, ଯନ୍ତ୍ରୀ ଜୀବନ ପଟ୍ଟନାୟକ, ଅତିରିକ୍ତ ପ୍ରାଣୀଧନ ଚିକିତ୍ସକ ଚନ୍ମୟ ସାହୁ, ସିଆରସିସି ପ୍ରଶାନ୍ତ ସାହ ଓ ଶ୍ୟାମସୁନ୍ଦର ଦିଗାଳ ପ୍ରମୁଖ ଯୋଗ ଦେଇଥିଲେ।

# ବଡ଼କୁଶସ୍ଥଳୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା

ଗୋପାଳପୁର,୨୬।୮

ରଙ୍ଗେଇଲୁଣ୍ଡା ବ୍ଲକ ବଡ଼କୁଶସ୍ଥଳୀସ୍ଥିତ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତି ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ମହାନଗର ସିଟି କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରତାପ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନର ଆବଶ୍ୟକତା ଓ ଉପଯୋଗିତା ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଗୋପାଳପୁର ବିଜ୍ଞାନ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଡ. ପ୍ରଦୀପ କୁମାର ପଟ୍ଟନାୟକ ଯୋଗ ଦେଇଥିବା ବେଳେ ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ମହେଶ୍ୱର ନାୟକ, ପ୍ରଶାନ୍ତ କୁମାର ପତି ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ପରମଗୁରୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମେଳାରେ ୪୬ଟି ପ୍ରକଳ୍ପ ଉପସ୍ଥାପିତ ହୋଇଥିଲା।

## ସଂକ୍ଷେପରେ

### ବଦଳିଲେ ବ୍ରହ୍ମପୁର, ଭଞ୍ଜନଗର ଉପଜିଲାପାଳ

**ଛତ୍ରପୁର,୨୬।୮(ଡି.ଏନ.ଏ.):** ଗଞ୍ଜାମ ଜିଲା ବ୍ରହ୍ମପୁର ଓ ଭଞ୍ଜନଗର ଉପଜିଲାପାଳଙ୍କ ଅନ୍ୟତ୍ର ବଦଳି ହୋଇଛି । ସେମାନଙ୍କ ସ୍ଥାନରେ ନୂତନ ଉପଜିଲାପାଳଙ୍କୁ ପୋଷ୍ଟିଂ ମିଳିଛି । ଶନିବାର ଏ ନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଏନଫୋର୍ସମେଣ୍ଟ ଓଏସଡି ଦିଗାନ୍ତ ରାଉତରାୟଙ୍କୁ ବ୍ରହ୍ମପୁର ଉପଜିଲାପାଳ ଓ ଦେଓଗଡ ଜିଲା ତେଲେଇବଣିର ବିଡିଓ ରାଜେନ୍ଦ୍ର ମିଞ୍ଜଙ୍କୁ ଭଞ୍ଜନଗର ଉପଜିଲାପାଳ ଭାବେ ପୋଷ୍ଟିଂ ମିଳିଛି। ସେହିପରି ବିଡିଓଙ୍କ ସ୍ତରରେ ମଧ୍ୟ ଅଦଳବଦଳ ହୋଇଛି । ଏ ନେଇ ଶନିବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । କଟକ ସଦର ବିଡିଓ ପ୍ରଶାନ୍ତ କୁମାର ନାୟକ ପୁରୁଷୋତ୍ତମପୁରକୁ ଆସିଥିବା ବେଳେ ରସୁଲପୁର ବିଡିଓ ଅଶୋକ କୁମାର ବେଉରିଆ ଜଗନ୍ନାଥପ୍ରସାଦ ଏବଂ ଯୋଡାର ବିଡିଓ ଅରୁଣ କୁମାର ମଲ୍ଲିକ ବେଗୁନିଆପଡାରେ ବିଡିଓ ଭାବେ ନୂତନ ପୋଷ୍ଟିଂ ହୋଇଛନ୍ତି। ଏଥିସହ ଧରାକୋଟର ବିଡିଓ ପ୍ରଦୀପ କୁମାର ନାୟକ, ଜଗନ୍ନାଥପ୍ରସାଦର ବିଡିଓ କୈଳାସ ଚନ୍ଦ୍ର ମୁର୍ମୁ, କବିସୂର୍ଯ୍ୟନଗର ବିଡିଓ ବେଦବାର ପ୍ରଧାନ, ଦିଗପହଣ୍ଡିର ବିଡିଓ ଅନୀଲ କୁମାର ପଟ୍ଟନାୟକ ଓ କୁକୁଡାଖଣ୍ଡି ବ୍ଲକର ଅତିରିକ୍ତ ତହସିଲଦାର ପ୍ରଜନଶ୍ରୀ ପ୍ରିୟମ୍ବଦାଙ୍କ ଏଠାରୁ ଅନ୍ୟତ୍ର ବଦଳି ହୋଇଛି ।

### ମନ୍ତ୍ରୀ ବାଣ୍ଟିଲେ ଋଣ

**ଦିଗପହଣ୍ଡି,୨୬।୮(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ପଞ୍ଚାୟତର ୩୯ ମହିଳା ଗୋଷ୍ଠୀଙ୍କୁ ୨୮ ଲକ୍ଷ ଟଙ୍କା ଜେଏଲ୍‌ଜି ଯୋଜନାରେ ଭାଗଚାଷୀ କୃଷିଋଣ ପ୍ରଦାନ କରାଯାଇଛି। ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଋଣ ବଣ୍ଟନ କରିଥିଲେ। ବ୍ରହ୍ମପୁର ସମବାୟ ବ୍ୟାଙ୍କ ଉପନିବନ୍ଧକ ଶିବ ପ୍ରସାଦ ସ୍ୱାଇଁ, ସମ୍ପାଦକ ଚିତ୍ତରଞ୍ଜନ ପାଣିଗ୍ରାହୀ, ସୁଶାନ୍ତ କୁମାର ପଣ୍ଡା, ଦିଗପହଣ୍ଡି ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଶାନ୍ତ କୁମାର ସାହୁ, ଗୋପାଳ ନାୟକ, ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦିଗପହଣ୍ଡି ଏନ୍‌ଏସି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ୧୨ଟି ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଋଣ ଦେଇଥିଲେ। ଏନ୍‌ଏସି ଅଧକ୍ଷା ସୁନୀତା ସେଠୀ, ସିଡିପିଓ ଯଶୋବନ୍ତୀ ସାହୁ, ସାଧନା ମହିଳା ସଂଘ ସଭାନେତ୍ରୀ ପି. ବିଜୟଲକ୍ଷ୍ମୀ, ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ।

### ନିମ୍ନମାନର କାମକୁ ନେଇ ଅସନ୍ତୋଷ

**କୁକୁଡ଼ାଖଣ୍ଡି,୨୬।୮(ଡି.ଏନ.ଏ.):** କୁକୁଡ଼ାଖଣ୍ଡି ବ୍ଲକ ରୋହିଗାଁ ପଞ୍ଚାୟତର ପାଣ୍ଡିଆଝୋଲିରୁ ନଳିହାଡ଼ ଗ୍ରାମ ଯାଏ ବହୁଦିନ ହେଲା ରାସ୍ତା କାମ ଆରମ୍ଭ ହୋଇଛି । ଏଥିପାଇଁ ୧୩ କୋଟି ମଞ୍ଜୁର ହୋଇଥିବା ବେଳେ ପୂର୍ତ୍ତ ବିଭାଗ ଅଧୀନରେ ରହିଛି । ତେବେ ଏହି ଟେଣ୍ଡର ଭୁବନେଶ୍ୱର ଅଞ୍ଚଳର ସଞ୍ଜୟ ସାମନ୍ତରାୟଙ୍କ ନାମରେ ମଞ୍ଜୁର ହୋଇଛି । ସଞ୍ଜୟ ସାମନ୍ତରାୟ ଏହି କାମରେ ଉପସ୍ଥିତ ନ ରହି ଦିଗପହଣ୍ଡି ବ୍ଲକର କୌଣସି ଏକ ଲୋକଙ୍କୁ ଠିକାରେ ଦେଇଛନ୍ତି । ଏଥିରେ ନିମ୍ନମାନର ଗୋଡ଼ି, ସିମେଣ୍ଟ, ଲୁହାଛଡ଼ ଆଦି ବ୍ୟବହାର ହେଉଛି। କାମଟି ନିମ୍ନମାନର ହେଉଥିବାରୁ ସ୍ଥାନୀୟ ଜନସାଧାରଣ ଅସନ୍ତୁଷ୍ଟ ହୋଇ ପ୍ରତିବାଦ କରିଥିଲେ । ହେଲେ ଏହି ପ୍ରତିବାଦକୁ ଭ୍ରୁକ୍ଷେପ ନ କରି ଠିକା ନେଇଥିବା ଲୋକ ଓଲଟା ସିଧା କହିଥିଲେ । ଫଳରେ ଜନ ଅସନ୍ତୋଷ ତୀବ୍ର ହୋଇ ଅଭିଯୋଗଟି ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନିକଟରେ ପହଞ୍ଚିଥିଲା । ଅଭିଯୋଗକୁ ଭିତ୍ତିକରି ଓଡ଼ିଶା ସରକାର ଭିଜିଲାନ୍ସ ଡିଜିଙ୍କୁ ଏହାର ତଦନ୍ତ ପାଇଁ ଗତ ୧୮ରେ ଚିଠି ଲେଖିଥିଲେ। ତେବେ ଅସନ୍ତୁଷ୍ଟ ଏବଂ ଅଭିଯୋଗକାରୀଙ୍କ ନେତୃତ୍ୱ ଏମ୍‌ପି ପ୍ରତିନିଧି ସନାତନ ସଂଗ୍ରାମ ସିଂହ ନେଉଥିବା ଜଣାପଡ଼ିଛି ।

### ବରିଷ୍ଠ ନାଗରିକ ସେଲର ବୈଠକ

**ଶେରଗଡ,୨୬।୮(ଡି.ଏନ୍.ଏ.)-** ଶେରଗଡ ଆମପୋଲିସ ସମିତି ପକ୍ଷରୁ ବରିଷ୍ଠ ନାଗରିକ ସେଲର ବୈଠକ ଶନିବାର ସନ୍ଧ୍ୟାରେ ଥାନା ପରିସରରେ ଆଇଆଇସି ବିଶ୍ୱରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ବିଭିନ୍ନ ଟିପ୍ସ ପ୍ରଦାନ କରାଯାଇଥିଲା। ପ୍ରତି ମାସରେ ଥାନାରୁ ଯାଉଥିବା କର୍ମଚାରୀଙ୍କ ସହ ସବିଶେଷ ଆଲୋଚନା ପାଇଁ ପରାମର୍ଶ ଦିଆଯାଇଥିଲା। ଉକ୍ତ ବୈଠକରେ ରମାକାନ୍ତ ମହାପାତ୍ର, ସୁବାସ ଚନ୍ଦ୍ର ଦାଶ, ଦିଲୀପ କୁମାର ତ୍ରିପାଠୀ, ଗୋପୀନାଥ ମିଶ୍ରଙ୍କ ସମେତ ବରିଷ୍ଠ ନାଗରିକ ସେଲ୍‌ର ବହୁ ସଭ୍ୟ ଉପସ୍ଥିତ ଥିଲେ।

ଛତ୍ରପୁର ବ୍ଲକ: କାର୍ଯ୍ୟାଦେଶ ପାଇ ବି ଆରମ୍ଭ କରୁନାହାନ୍ତି କାମ

# ବାନ୍ଧିଲେ ରାଖୀ, ପାଇଖାନା ନିର୍ମାଣ ପାଇଁ ପ୍ରବର୍ତ୍ତାଇଲେ

**ଛତ୍ରପୁର,୨୬।୮(ଡି.ଏନ.ଏ.)**

ଅକ୍ଟୋବର ୨ ତାରିଖ ସୁଦ୍ଧା ସମସ୍ତଙ୍କ ଘରେ ପାଇଖାନା ନିର୍ମାଣ କାମ ସାରିବା ସହ ଗଞ୍ଜାମ ଜିଲାକୁ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଜିଲାର ବହୁ ହିତାଧିକାରୀ କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ଘରେ ପାଇଖାନା ନିର୍ମାଣ ଆରମ୍ଭ କରୁନାହାନ୍ତି। ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ବାରମ୍ବାର ସେମାନଙ୍କ ଘରକୁ ଯାଇ ପାଇଖାନା ନିର୍ମାଣ କରିବାକୁ ସଚେତନ କରୁଛନ୍ତି। ତଥାପି ସୁଫଳ ମିଳୁନି। ଏଥିପାଇଁ ଜିଲା ଜଳ ଓ ପରିମଳ ମିଶନ, ଛତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ଜିଲାରେ ରବିବାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ପାଇଖାନା ନିର୍ମାଣ ଆରମ୍ଭ କରୁ ନ ଥିବା ପ୍ରତି ହିତାଧିକାରୀଙ୍କ ଘରକୁ ଘର ଯାଇ ସ୍ୱେଚ୍ଛାସେବୀ, ମହିଳା ସଂଘ ଓ ବିଜୁ ଯୁବ ବାହିନୀର ସଦସ୍ୟାମାନେ ରାଖୀ ବାନ୍ଧିଛନ୍ତି। ପାଇଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସେମାନଙ୍କୁ ଅନୁରୋଧ କରିଛନ୍ତି। ପରେ ଗାଁରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଛତ୍ରପୁର ବ୍ଲକ ମହାନାଦପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ଶୁଭାରମ୍ଭ କରି ପାଇଖାନା ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପରିଷଦ ସଭ୍ୟ ଏସ୍ କିଶୋର ରେଡ୍ଡି, ସରପଞ୍ଚ ଗୁନିତା ବେହେରା, ସମିତିସଭ୍ୟ ଅଶୋକ ପାଣିଗ୍ରାହୀ, ଜିଲା ଜଳ ଓ ପରିମଳ ମିଶନର ଜିଲା ସଂଯୋଜକ ମହେଶ ତରାଇ, ଆରଡବ୍ଲ୍ୟୁଏସଏସ୍‌ର କନିଷ୍ଠ ଯନ୍ତ୍ରୀ ମଳୟ ନାୟକ ଓ ଶଶାଙ୍କ ଶେଖର ପାଢୀ, ବ୍ଲକ ସଂଯୋଜକ ବିଜୟ ରାଓ, ବିପିଏମ ମାମିନି ଜେନା ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଚିକଲଖଣ୍ଡି ପଞ୍ଚାୟତରେ ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକର ସମସ୍ତ ୧୮ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ସଚ୍ଚିଦାନନ୍ଦ ନାୟକ ଏହାର ମନିଟରିଂ କରିଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ବାହାରେ ଶୌଚ କରୁଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ଗୋଲାପ ଫୁଲ ଦିଆଯାଇ ଘରେ ପାଇଖାନା ନିର୍ମାଣ ପାଇଁ ସଚେତନ କରାଯାଉଥିଲା ।


ମହାନାଦାପୁରରେ ଜଣେ ହିତାଧିକାରୀଙ୍କ ହାତରେ ରାକ୍ଷୀ ବନ୍ଧାଯାଉଛି ।

# ବିଦ୍ୟାଳୟ ପରିଚାଳନା କମିଟି ଗଠିତ

**ବେଗୁନିଆପଡ଼ା,୨୬।୮(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ବିରଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟ ଓ ତିରିଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଯାଇଛି। ବିରଜଗନ୍ନାଥପୁର ବିଦ୍ୟାଳୟର ସଭାପତି ଭାବେ ସନ୍ତୋଷ କୁମାର ଶତପଥୀ, ଉପସଭାପତି କଳ୍ପନା ଶତପଥୀ, ୱାର୍ଡସଭ୍ୟ କାଳୁ ଚରଣ ଶତପଥୀ, ଅଙ୍ଗନୱାଡ଼ି କର୍ମୀ ପ୍ରିୟମ୍ବଦା ଶତପଥି, ଆଶାକର୍ମୀ ମଞ୍ଜୁଲତା ମହାରଣା, ସଭ୍ୟ ଜ୍ୟୋତିର୍ମୟ ଶତପଥୀ, ସୁଶାନ୍ତ କୁମାର ଶତପଥୀ, ଧିରେନ୍ଦ୍ର କୁମାର ନାୟକ, ସନ୍ତୋଷ କୁମାର ଦୋରା, ସନ୍ତୋଷ କୁମାର ରଥ, ସମିତା ଶତପଥୀ, ପ୍ରତିମା କୁମାରୀ ଶତପଥୀ, ପ୍ରିୟଦର୍ଶନ ଶତପଥୀ, ସୁଜାତା ନାୟକ, ମନିଷା ଜେନା ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନିତ ହୋଇଛନ୍ତି। ଏଥିରେ ସିଆରସିସି ରାଜେନ୍ଦ୍ର କୁମାର ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସ୍ୱାଇଁ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ। ସେହିଭଳି ତିରିଡ଼ା ଠାରେ ସଭ୍ୟ ଭାବେ ସୂର୍ଯ୍ୟ ପ୍ରଧାନ, ଦିବାକର ବେହେରା, ସୀମାଞ୍ଚଳ ଗୌଡ଼, ପ୍ରଭାକର ଜେନା, ନାରାୟଣ ସାହୁ, ମହେନ୍ଦ୍ର ଦାସ, ଝୁନୁ ସାହୁ, ଲକ୍ଷ୍ମୀ ସାହୁ, କସ୍ତୁରି ପ୍ରଧାନ, ରଶ୍ମିତା ବେହେରା, ସରସ୍ୱତୀ ସାହୁ, ସର୍ମିଷ୍ଠା ସେଠୀ ସର୍ବସମ୍ମତିକ୍ରମେ ସଭ୍ୟ ଭାବେ ମନୋନିତ ହୋଇଛନ୍ତି। ଆଗାମୀ ଦିନରେ ସଭାପତି ଓ ଉପସଭାପତି ଚୟନ କରାଯିବ। ଏଥିରେ ସିଆରସିସି ରାଜେନ୍ଦ୍ର କୁମାର ସେଠୀ, ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନ, ଶିକ୍ଷୟତ୍ରୀ, ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।


ଉପସ୍ଥିତ ଅଭିଭାବକ।

## ଆମ ପୋଲିସ ସମିତି ପକ୍ଷରୁ ବରିଷ୍ଠ ନାଗରିକ ସେଲର ସମାବେଶ

**ହିଞ୍ଜିଳିକାଟୁ,୨୬।୮(ଡି.ଏନ୍.ଏ.)**

ହିଞ୍ଜିଳି ଥାନା ଆମ ପୋଲିସ ସମିତି ପକ୍ଷରୁ ଶନିବାର ଥାନା ଅଭ୍ୟର୍ଥନା କକ୍ଷରେ ବରିଷ୍ଠ ନାଗରିକ ସେଲର ସମାବେଶ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଏନ. ରଘୁନାଥ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ। ଥାନାର ମହିଳା ପୋଲିସ କର୍ମଚାରୀମାନେ ଉପସ୍ଥିତ ବରିଷ୍ଠ ନାଗରିକ ଓ ଅତିଥିଙ୍କୁ ରାଖୀ ବାନ୍ଧିଥିଲେ। ସମାବେଶରେ ପୂର୍ବତନ ହିଞ୍ଜିଳି ବିଧାୟକ ହରିହର ସାହୁ, ପ୍ରଧାପକ ଗୋବିନ୍ଦ ପାଢୀ, ପଦ୍ମଚରଣ ସାହୁ, ଉମା ଶଙ୍କର ପାଢୀ, ପ୍ରଫୁଲ୍ଲ ପଟ୍ଟନାୟକ, ସିନ୍ଧୁ ପଣ୍ଡା ପ୍ରମୁଖ ବହୁ ବରିଷ୍ଠ ନାଗରିକ ନିଜସ୍ୱ ମତ ରଖିଥିଲେ। ବୈଠକରେ ୪୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ଆମ ପୋଲିସ ସମିତିର ସଦସ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ହିଞ୍ଜିଳି ଥାନାର ବରିଷ୍ଠ ନାଗରିକ ସେଲ୍‌ର ତତ୍ତ୍ୱାବଧାରକ ରାଜନ ବିଶୋୟୀ, ଏସ୍‌ଆଇ ଭାଗ୍ୟଶ୍ରୀ ସ୍ୱାଇଁ, ଝସକେତନ ଭୋଇ ପ୍ରମୁଖଙ୍କ ସହ ସମସ୍ତ ପୋଲିସ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱାଧୀନତା ଦିବସ ପ୍ରତିଯୋଗିତାର ପୁରସ୍କାର ବଣ୍ଟନ


ସଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି ।

**ଭଞ୍ଜନଗର,୨୬।୮(ଡି.ଏନ.ଏ.)**

ବର୍ଷା ଆଶଙ୍କାକୁ ଦେଖି ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ୱାଧୀନତା ଦିବସ ଦିନ ଭଞ୍ଜନଗର ଜେଲ ପଡ଼ିଆରେ ପ୍ରଶାସନ ପକ୍ଷରୁ ହେବାକୁ ଥିବା ପରେଡ଼, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବଣ୍ଟନ ଉତ୍ସବକୁ ବାତିଲ କରି ଦିଆଯାଇଥିଲା। ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବଣ୍ଟନ ଉତ୍ସବ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଆରଏମ୍‌ସି କାର୍ଯ୍ୟାଳୟ ପରିସରରେ ହୋଇଥିଲା। ଉପଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ଼.ନୀଳାଞ୍ଚଳ ମୁନିପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଓଁ ସଙ୍ଗୀତ ଏକାଡ଼େମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ସହରର ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶୂଳପାଣି ଶତପଥୀ ସଭାକୁ ସଂଯୋଜନା କରିଥିବା ବେଳେ ଓଁ ସଙ୍ଗୀତ ଏକାଡ଼େମୀର ନିର୍ଦ୍ଦେଶକ ପ୍ରଦୀପ ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସୁଧାଂଶୁ ତ୍ରିପାଠୀ, ଜଗଦୀଶ୍ ପାଣିଗ୍ରାହୀ, ଶିବୁ ଜେନା, ସନ୍ତୋଷ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଆମ୍ବପୁଆରେ ଗହ୍ମାଡିଆଁ

**ଆସିକା,୨୬।୮ (ଡି.ଏନ୍.ଏ):** ଆସିକା ଓ ଆଖପାଖ ଗ୍ରାମାଞ୍ଚଳରେ ରବିବାର ରକ୍ଷା ବନ୍ଧନ ପର୍ବ ପାଳିତ ହୋଇଛି। ଗ୍ରାମାଞ୍ଚଳରେ ଗହ୍ମା ଡିଆଁ ହୋଇଛି। ବାଙ୍ଗରଡା ପଞ୍ଚାୟତ ଆମ୍ବପୁଆରେ ଗହ୍ମା ଡିଆଁ କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ ଉଦଘାଟନ କରିଥିଲେ। କାମରାଜୁ ଭୋଳ, ବାବୁ ବିଶ୍ୱାଳ, ରାମଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ଗୋଷ୍ଠୀଙ୍କ ପକ୍ଷରୁ ଗହ୍ମାଡିଆଁ ବଞ୍ଚାଇ ରଖିବା ଉଦ୍ୟମର ପ୍ରଶଂସା କରିଥିଲେ । ସେହିପରି ବାଙ୍ଗରଡ଼ା ଓ ଭେଟନଈରେ ମଧ୍ୟ ଗହ୍ମାଡିଆଁ ଅନୁଷ୍ଠିତ ହୋଇଛି।


ଗହ୍ମା ଡିଆଁ ପାଇଁ ପ୍ରସ୍ତୁତି ଚାଲିଛି।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ

**ପୁରୁଷୋତ୍ତମପୁର, ୨୬।୮(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ଥାନା ଆମ ପୋଲିସ ସମିତି ପକ୍ଷରୁ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହିଳା ଓ ଶିଶୁ ଡେସ୍କ ଅଧିକାରୀ ଏସ୍‌ଆଇ ବିୟୁଟି ମହାନ୍ତି ସଂଯୋଜନା କରିଥିବା ବେଳେ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ଅନ୍ୱେଷା ରେଡ୍ଡୀ (ଆଇଏଏସ୍), ସମ୍ମାନିତ ଅତିଥି ଭାବେ ତହସିଲଦାର ଡ. ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଆଇଆଇସି ଅଜୟ କୁମାର ବାରିକ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ, ସିଡିପିଓ ସବିତା ଚ୍ୟାଉପଟ୍ଟନାୟକ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଲାଗି ରହିଥିବା ଆଇନ ଓ ସୁରକ୍ଷା ନେଇ ଆଲୋଚନା କରିଥିଲେ। ଏହି ଅବସରରେ ୧୬ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଦିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ବରିଷ୍ଠ ନାଗରିକଙ୍କୁ ଏହା ପ୍ରଦାନ କରାଯିବ ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର


@ ରୋନାଲ୍ଡୋ


@ ସୁଜିତ୍


@ସୌମ୍ୟ ରଞ୍ଜନ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ମା’ ଫୁଲସୁନ୍ଦରୀ ଯାତ୍ରା କମିଟି ଗଠିତ

**ଦିଗପହଣ୍ଡି,୨୬।୮(ଡି.ଏନ.ଏ.):** ଦିଗପହଣ୍ଡି ସହରର ଆରାଧ୍ୟ ଦେବୀ ମା’ ଫୁଲସୁନ୍ଦରୀଙ୍କ ବାର୍ଷିକ ଯାତ୍ରା ମହୋତ୍ସବ ପାଇଁ ପରିଚାଳନା କମିଟି ଗଠନ କରାଯାଇଛି। ସଭାପତି ଭାବେ ଏନ୍‌ଏସି ଉପାଧ୍ୟକ୍ଷ ପ୍ରଦୀପ୍ତ କୁମାର ପଟ୍ଟନାୟକ, ଉପସଭାପତି ଗଣପତି ବେହେରା, ସମ୍ପାଦକ ନରସିଂହ ବେହେରା, ସହ ସମ୍ପାଦକ କେ. ପଞ୍ଚୁ ପାତ୍ର ଓ କୋଷାଧ୍ୟକ୍ଷ ଭାବେ ପି. ରାଜବାବୁ ଦୋରାଙ୍କୁ ମନୋନୀତ କରାଯାଇଛି । ଭାଦ୍ରବ ଶୁକ୍ଳପକ୍ଷ ଷଷ୍ଠୀ ତିଥି ସେପ୍ଟେମ୍ବର ୧୫ରୁ ୬ ଦିନ ବ୍ୟାପୀ ଏହି ଯାତ୍ରା ନୂଆସାହି ମନ୍ଦିର ପରିସରରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ଯାତ୍ରା ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଯାତ୍ରା କମିଟି ସଭାପତି ଜଣାଇଛନ୍ତି ।

# ଯବାନ, କଏଦୀଙ୍କୁ ରାଖୀ ବାନ୍ଧିଲେ ବ୍ରହ୍ମାକୁମାରୀ

**ଭଞ୍ଜନଗର,୨୬।୮(ଡି.ଏନ.ଏ.)**

ଭଞ୍ଜନଗରସ୍ଥିତ ସିଆରପିଏଫ୍ ୧୨୭ ବାଟାଲିୟନରେ ରାଖୀ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ଏଥିପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂଯୋଜିକା ବ୍ରହ୍ମକୁମାରୀ ସନ୍ତୋଷିନୀ, ବ୍ରହ୍ମକୁମାର ଅକ୍ଷୟ ଅତିଥି ଭାବେ ଯୋଗଦେଇ ରାଖୀର ମହତ୍ତ୍ୱ ଏବଂ ପବିତ୍ରତା ସମ୍ପର୍କରେ କହିଥିଲେ। ଏହି ଅବସରରେ ବ୍ରହ୍ମାକୁମାରୀମାନେ ଯବାନମାନଙ୍କ ହାତରେ ରାଖୀ ବାନ୍ଧିଥିଲେ। ସେହିପରି ଜେଲରେ ମଧ୍ୟ ଓଁ ଶାନ୍ତି ପକ୍ଷରୁ କଏଦୀ ମାନଙ୍କୁ ରାଖୀ ବନ୍ଧାଯାଇଛି। କୃଷକମାନଙ୍କ ଘରେ ଗୋମାତା ଓ ଲଙ୍ଗଳ ପୂଜା କରାଯାଇଛି। ଦିନ ତମାମ ଡୁହାକୁ ଡୁହା ବର୍ଷା ଯୋଗୁ ଗହ୍ମାଡ଼ିଆଁ ଫିକା ପଡ଼ିଯାଇଛି। ଅନ୍ୟପକ୍ଷରେ ରକ୍ଷା ବନ୍ଧନ ରବିବାର ପଡ଼ିଥିବାରୁ କେତେକ ସ୍ଥାନରେ ମାଛ ମାଂସ ଦୋକାନରେ ଭିଡ଼ ଦେଖାଯାଇଛି। ଘୁମୁସର ଉତ୍ତର ଓ ଦକ୍ଷିଣ ବନଖଣ୍ଡର ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ବନ୍ୟଜନ୍ତୁ ଶିକାର ୨ଦିନ ହେଲା ବଢ଼ିଯାଇଛି। ବନ୍ୟଜନ୍ତୁ ମାଂସ ବିକ୍ରି ଖୋଲାଖୋଲି ଭାବେ ହେଉଛି । ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବି ହୋଇଛି।



ବ୍ରହ୍ମକୁମାରୀ ସନ୍ତୋଷିନୀ ଜଣେ ଯବାନଙ୍କୁ ରାକ୍ଷୀ ବାନ୍ଧୁଛନ୍ତି ।

## ସଂକ୍ଷେପରେ

### ମନ୍ଦିରରୁ ନାଗ ଉଦ୍ଧାର



**ପାଟପୁର,୨୬।୮(ଡି.ଏନ.ଏ.):** ସାନଖେମୁଣ୍ଡି ବ୍ଲକ ମହାନଳା ଗ୍ରାମସ୍ଥିତ ରାଧାକୃଷ୍ଣ ମନ୍ଦିରରୁ ରବିବାର ଏକ ନାଗ ସାପ ଉଦ୍ଧାର ହୋଇଛି। ସକାଳୁ ପୂଜକ ଉପେନ୍ଦ୍ର ପଣ୍ଡା ପୂଜାର୍ଚ୍ଚନା ପାଇଁ ଯିବାବେଳେ ଠାକୁରଙ୍କ ମୂର୍ତ୍ତି ପାଖରେ ପ୍ରାୟ ସାଢ଼େ ୪ ଫୁଟ ଲମ୍ବର ନାଗ ସାପ ଥିବା ଦେଖିଥିଲେ। ସାମାଜିକ କର୍ମୀ ଦୁର୍ଗା ନାୟକ ବନବିଭାଗ ଏବଂ ପିପୁଲ ଫର୍ ଆନିମଲ ସଂସ୍ଥାକୁ ଏ ନେଇ ଖବର ଦେବାରୁ ସ୍ୱେଚ୍ଛାସେବୀ ସମୀରକାନ୍ତ ତ୍ରିପାଠୀ, କୃଷ୍ଣଚନ୍ଦ୍ର ପାତ୍ର ଓ ଶୁଭମ କୁମାର ସାହୁ ପହଞ୍ଚି ସାପଟିକୁ ଉଦ୍ଧାର କରି ଦିଗପହଣ୍ଡି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ପରେ ରେଞ୍ଜର ପରମାନନ୍ଦ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ପାରା ଷ୍ଟାଫ୍ କର୍ମଚାରୀ କୃଷ୍ଣଚନ୍ଦ୍ର ଜେନା ଚାଙ୍ଗୁଡିଦେଇ ଜଙ୍ଗଲରେ ସାପଟିକୁ ଛାଡି ଦେଇଥିଲେ ।

### ଗାଧୁଆ ଘରେ ପଡ଼ି ବୃଦ୍ଧା ମୃତ

**ଗଞ୍ଜାମ,୨୬।୮(ଡି.ଏନ.ଏ.):** ରମ୍ଭା ଥାନା ଗୌରାଙ୍ଗପାଟଣା ଗ୍ରାମରେ ରବିବାର ଜଣେ ବୃଦ୍ଧା ଗାଧୁଆଘରେ ପଡ଼ି ମୃତ୍ୟୁ ବରଣ କରିଛନ୍ତି। ସେ ହେଲେ ରୋହିଣୀ ବେହେରା (୬୫) । ପୂର୍ବରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ପକ୍ଷରୁ ସହାୟତା ପାଇଁ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଦାବି ଦେଇଛନ୍ତି ।

■ ତାର ଛିଣ୍ଡି ମହିଳା ଭାସିଯିବା ଘଟଣା

# ଡଙ୍ଗାରେ ଯାତାୟାତ କରିବେ ବୁରାଙ୍ଗିଆବାସୀ

**ଦାରିଙ୍ଗବାଡ଼ି,୨୬।୮(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତ ବୁରାଙ୍ଗିଆବାସୀ ଏଣିକି ଡଙ୍ଗାରେ ଖଡ଼ଗ ନଦୀ ପାର୍ ହେବେ। ଅଞ୍ଚଳବାସୀଙ୍କୁ ଆଉ ନଦୀ ଉପରେ ବନ୍ଧାଯାଇଥିବା ତାରକୁ ଧରି ଯିବାକୁ ପଡ଼ିବନି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ବୁରାଙ୍ଗିଆ, ବୁଦେଲପଡ଼ି, କୁକେରମାହା ଆଦି ଗ୍ରାମବାସୀଙ୍କ ପାଇଁ ଡଙ୍ଗା ବ୍ୟବସ୍ଥା କରାଯାଇଥିବା ବିଡିଓ ତ୍ରିଲୋଚନ ପାତ୍ର ସୂଚନା ଦେଇଛନ୍ତି। ରବିବାର ବିଡିଓ ପାତ୍ରଙ୍କ ନେତୃତ୍ୱରେ ଏପିଓ କେଦାର ଚନ୍ଦ୍ର ପଣ୍ଡା, ଯନ୍ତ୍ରୀ ତୁଷାରକାନ୍ତ ସେଠୀ, ପ୍ରଣୟ ମିଶ୍ର, କୂଳମଣି ବେହେରା ପ୍ରମୁଖ ବୁରାଙ୍ଗିଆକୁ ସଂଯୋଗ କରୁଥିବା ଖଡ଼ଗ ନଦୀ ନିକଟରେ ପହଞ୍ଚି ଡଙ୍ଗା ଶୁଭାରମ୍ଭ କରିଛନ୍ତି। ଉକ୍ତ ଡଙ୍ଗାରେ ଥରକେ ୧୦ ଯାତ୍ରୀ ଯାତାୟାତ କରିପାରିବେ। ସେମାନଙ୍କ ପାଇଁ ଲାଇଫ ଜ୍ୟାକେଟ ବ୍ୟବସ୍ଥା ମଧ୍ୟ କରାଯାଇଥିବା ବିଡିଓ କହିଛନ୍ତି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦରୁ ୮୦ ହଜାର ଟଙ୍କାରେ ଏହି ଡଙ୍ଗା କିଣାଯାଇଛି। ଏଣିକି ଜରୁରିକାଳୀନ ପରିସ୍ଥିତିରେ ସୁରକ୍ଷିତ ଭାବେ ଯାତ୍ରା କରିହେବ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ୨୧ ତାରିଖରେ ୨ ଗର୍ଭବତୀଙ୍କ ସମେତ ୬ ମହିଳା ଖଡଗ ନଦୀ ଉପରେ ବନ୍ଧାଯାଇଥିବା ତାର ଧରି ଆସୁଥିବା ବେଳେ ତାହା ଛିଣ୍ଡି ଯିବାରୁ ସମସ୍ତେ ଭାସିଯାଇଥିଲେ। କେତେଜଣ ସାହସୀ ଯୁବକ ସେମାନଙ୍କୁ ଉଦ୍ଧାର କରିଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ୨୨ ତାରିଖରେ ଗ୍ରାମବାସୀ ଛିଣ୍ଡି ପଡ଼ିଥିବା ତାରକୁ ପୁଣି ଯୋଡ଼ି ତାହା ଉପରେ ଯାତାୟାତ କରୁଥିଲେ। ବିଡିଓ ପାତ୍ର ଏବଂ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ ପ୍ରମୁଖ ପହଞ୍ଚି ଲୋକଙ୍କ ସମସ୍ୟା ଜାଣିବା ପରେ ଏକ ଡଙ୍ଗା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲା ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ ଉକ୍ତ ନଦୀରେ ପୋଲ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଡଙ୍ଗା ଚାଲିବ ବୋଲି କୁହାଯାଇଛି। ୨୦୧୪ରୁ ଉକ୍ତ ନଦୀରେ ବୁରାଙ୍ଗିଆକୁ ସଂଯୋଗ କରିବା ପାଇଁ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନି। ଫଳରେ ବୁରାଙ୍ଗିଆବାସୀ ବର୍ଷାଦିନେ ତଳ ତାରରେ ଚାଲି ଉପର ତାର ଧରି ନଦୀରେ ଯାତାୟାତ କରୁଛନ୍ତି।



ବୁରାଙ୍ଗିଆବାସୀଙ୍କ ପାଇଁ ଆସିଥିବା ଡଙ୍ଗା।

# ବାଉଁଶ ବୋଝେଇ ଟ୍ରାକ୍ଟର ଜବତ, ୨ ଗିରଫ

**ଦିଗପହଣ୍ଡି/ପାଟପୁର,୨୬।୮(ଡି.ଏନ.ଏ.)**

ଦିଗପହଣ୍ଡି ବନ ବିଭାଗ ଶନିବାର ରାତି ପ୍ରାୟ ୧୧ଟାରେ ବାଉଁଶ ବୋଝେଇ ଏକ ନମ୍ବରବିହୀନ ଟ୍ରାକ୍ଟର ଜବତ କରିଛି। ରବିବାର ଉକ୍ତ ଟ୍ରାକ୍ଟରର ଚାଳକ ଶେରଗଡ଼ ଥାନା ପଥରପୁଞ୍ଜି ଗ୍ରାମର ସନ୍ନ୍ୟାସୀ ନାୟକ ଏବଂ ପାଟପୁର ଥାନା କଉଡ଼ିଆ ଗ୍ରାମର ବାଉଁଶ ଚାଲାଣକାରୀ ସୁରେନ୍ଦ୍ର ଦଳାଇଙ୍କୁ ଗିରଫ କରାଯାଇଥିବା ଦିଗପହଣ୍ଡି ରେଞ୍ଜର ପରମାନନ୍ଦ ପାଣିଗ୍ରାହୀ ଜଣାଇଛନ୍ତି। ୨ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ବନ କର୍ମଚାରୀମାନେ ପାଟ୍ରୋଲିଂ ସାରି ଫେରୁଥିବା ବେଳେ ପାଟପୁର ଥାନା ନରସିଂହଗଡ଼ ଗ୍ରାମ ନିକଟରେ ବାଉଁଶ ବୋଝେଇ ଉକ୍ତ ଟ୍ରାକ୍ଟରକୁ ଧରିଥିଲେ। ବନପାଳ ଏନ. ବାଲାଜୀ, ପ୍ରଶାନ୍ତ କାର୍ଜୀ, ବନରକ୍ଷୀ କାମନା ଭୂୟାଁ, ନୀଳମାଧବ ଜେନା, ସନ୍ତୋଷ ମଲିକ, ମୁରାରୀ ପ୍ରସାଦ ରଥ ପ୍ରମୁଖ ଚଢ଼ାଉ କରିଥିଲେ। ରତନେଇ ସଂରକ୍ଷିତ ଜଙ୍ଗଲ ଭୀମନଗର ଅଞ୍ଚଳରୁ ପଥରପଞ୍ଜି ଗ୍ରାମକୁ ବାଉଁଶ ଚୋରାଚାଲାଣ କରାଯାଉଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୁରୁବାର ରାତିରେ ମଧ୍ୟ କାଠ ବୋଝେଇ ଏକ ଟ୍ରାକ୍ଟର (ନଂ ଓଡି୦୭ସି୯୪୦୪)କୁ ପଳାସପୁର ଗ୍ରାମ ଛକରୁ ଜବତ କରାଯାଇଥିଲା।

■ ଜୟଶ୍ରୀ ଇଂଲିଶ ମିଡିୟମ ସ୍କୁଲ ଫି ବୃଦ୍ଧି ପ୍ରସଙ୍ଗ

# ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ଗଞ୍ଜାମ,୨୬।୮(ଡି.ଏନ.ଏ.)**

ଗଞ୍ଜାମସ୍ଥିତ ଜୟଶ୍ରୀ ଇଂଲିଶ ମିଡିୟମ ସ୍କୁଲ ପରିଚାଳନା କମିଟି ଏବଂ ଅଭିଭାବକଙ୍କ ମଧ୍ୟରେ ଆଡମିଶନ ଫି ବୃଦ୍ଧି ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଲାଗି ରହିଥିବା ବିବାଦର ରବିବାର ଅନ୍ତ ଘଟିଛି। ଅଭିଭାବକ କମିଟି ଆଗରେ ମୁଣ୍ଡ ନୁଆଁଇଛନ୍ତି କମ୍ପାନୀ କର୍ତ୍ତୃପକ୍ଷ। ଫଳରେ ୬ଦିନ ଧରି ଗେଟ୍ ସମ୍ମୁଖରେ ଅଭିଭାବକମାନେ ଦେଇଥିବା ଧାରଣା ପ୍ରତ୍ୟାହୃତ ହୋଇଛି।

ଗଞ୍ଜାମ ତହସିଲଦାର ଅବନୀ କୁମାର ସାହୁଙ୍କ ହସ୍ତକ୍ଷେପ ପରେ ତହସିଲ କାର୍ଯ୍ୟାଳୟରେ ଅଭିଭାବକ କମିଟି ଏବଂ ସ୍କୁଲ ପରିଚାଳନା କରୁଥିବା ଗ୍ରାସୀମ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଶନିବାର ଓ ରବିବାର ୨ଦିନ ଧରି ଆଲୋଚନା ଚାଲିଥିଲା। କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେବାପରେ ରବିବାର ଧାରଣା ପ୍ରତ୍ୟାହୃତ ହୋଇଥିବା କମିଟି ସଭାପତି ଗୌରୀ ଶଙ୍କର ବାରିକ ଏବଂ ସମ୍ପାଦକ ତ୍ରିଲୋଚନ ସାହୁ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି। ସ୍କୁଲ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ମାଗଣା କିଟ୍ ବ୍ୟାଗ ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ଯୋଗାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିବା ଅଭିଭାବକ ମନୋରଞ୍ଜନ ସାହୁ, ସତ୍ୟ ବେହେରା, ସୁଦାମ ଜେନା ପ୍ରମୁଖ କହିଛନ୍ତି। ଆଲୋଚନା ବେଳେ କମ୍ପାନୀ ପକ୍ଷରୁ ମହାପ୍ରବନ୍ଧକ ତଥା ଲୋକ ସମ୍ପର୍କ ସୂଚନା ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଏଚ୍ଆର ମୁଖ୍ୟ କେ.ଜି. ଗେନେରୱାଲ, ସ୍କୁଲ ପ୍ରିନ୍ସିପାଲ ୱାଇ. ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ କମ୍ପାନୀ ମୁଖ୍ୟ ପରିଚାଳକ ତଥା ୟୁନିଟ୍ ହେଡ ଶଶାଙ୍କ ଶେଖର ପାରିକ ଫୋନ ଯୋଗେ ଅଭିଭାବକମାନଙ୍କ ସହ କଥା ହୋଇଥିଲେ।

# ଶାନ୍ତି ଶକ୍ତି ଭବନରେ ରକ୍ଷାବନ୍ଧନ ଉତ୍ସବ

**ଆସିକା,୨୬।୮ (ଡି.ଏନ୍.ଏ)**

ଆସିକା ବସଷ୍ଟାଣ୍ଡସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତି ଶକ୍ତି ଭବନରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଛି। ବିଶ୍ୱ ବିଦ୍ୟାଳୟର ଦିବଙ୍ଗତ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ପ୍ରକାଶମଣି ଜୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ବିଶ୍ୱ ବନ୍ଧୁତ୍ୱ ଦିବସ କାର୍ଯ୍ୟକ୍ରମରେ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର, ଅଧ୍ୟାପକ ସନାତନ ପଣ୍ଡା, ଶିଶିରକାନ୍ତ ମିଶ୍ର ଯୋଗଦେଇଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ଆସିକା ବିଧାୟକ ଦେବରାଜ ମହାନ୍ତି ମୁଖ୍ୟ ଅତିଥି, ବ୍ରହ୍ମକୁମାର ପ୍ରଭାତୀ ମୁଖ୍ୟବକ୍ତା, ଏନଏସି ଅଧ୍ୟକ୍ଷା ମଧୁସ୍ମିତା ପୋଲାଇ, ଟି.ଭି. ଭାସ୍କର ରାଓ ଏବଂ ଓକିଲ ସଂଘ ସଂପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ଷା ବନ୍ଧନର ଆଧ୍ୟାତ୍ମିକ ରହସ୍ୟ ଆଲୋଚନା କରିଥିଲେ । ବ୍ରହ୍ମକୁମାର ସତ୍ୟପ୍ରିୟ ଓ ଆସିକା ବ୍ଲକ ଯୋଗାଣ ନିରିକ୍ଷକ ଜୟରାମ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ରବିବାର ଆସିକା ସବଜେଲରେ ମଧ୍ୟ କର୍ମଚାରୀ ଓ ଅନ୍ତେବାସୀଙ୍କୁ ରକ୍ଷା ସୂତ୍ର ବନ୍ଧନ କରାଯିବା ସହ ପରମାତ୍ମାଙ୍କ ସନ୍ଦେଶ ପ୍ରଦାନ କରାଯାଇଥିଲା ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ